


Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR






# କେନ୍ଦ୍ର କ୍ୟାବିନେଟରେ ରହିବେ ହରଦୀପ ସିଂ

## ରାଜ୍ୟସଭା ପ୍ରାର୍ଥୀ କଲା ବିଜେପି



ନୂଆଦିଲ୍ଲୀ,୨୮/୧୦:ପୁଣି ହରଦୀପ ପୁରୀଙ୍କୁ ସୁଯୋଗ । କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ପୁଣି ଥରେ ପ୍ରାର୍ଥୀ କରିଛି । ମଧ୍ୟପ୍ରଦେଶରେ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନ ପାଇଁ ଦଳ ପୁରୀଙ୍କୁ ପ୍ରାର୍ଥୀ କରିଛି ଭାରତୀୟ ଜନତା ପାର୍ଟି । ଏହା ତାଙ୍କ ପାଇଁ ମୋଦି କ୍ୟାବିନେଟରେ ରହିବା ପାଇଁ ବାଟ ଖୋଲିଛି । କେନ୍ଦ୍ର କ୍ୟାବିନେଟରେ ମନ୍ତ୍ରୀ ପଦ ବଜାୟ ରଖିବା ସସପେନ୍ସ ଉପରୁ ପରଦା ହଟିଛି । ବିଜେପି କେନ୍ଦ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତି ଅନୁଯାୟୀ, ମଧ୍ୟପ୍ରଦେଶରେ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନ ୨୦୨୬ ପାଇଁ ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ଅନୁମୋଦନ କରିଛି । ଦଳ ମଧ୍ୟପ୍ରଦେଶରୁ ହରଦୀପ ସିଂ ପୁରୀଙ୍କୁ ପ୍ରାର୍ଥୀ କରିଛି । ପୁରୀ ବର୍ତ୍ତମାନ କେନ୍ଦ୍ର ସରକାରରେ ପେଟ୍ରୋଲିୟମ ମନ୍ତ୍ରୀ ଅଛନ୍ତି । କିଛିଦିନ ତଳେ ଅନୁଷ୍ଠିତ ବିଭିନ୍ନ ରାଜ୍ୟ ନିର୍ବାଚନରେ ତାଙ୍କୁ ପ୍ରାର୍ଥୀ କରାଯାଇ ନଥିଲା, ଯାହା ପରେ ପୁରୀଙ୍କୁ କ୍ୟାବିନେଟରୁ ହଟାଇ ଦିଆଯାଇପାରେ କିଏମିତି କିଛି କଳ୍ପନାଜଳ୍ପନା ଚାଲିଥିଲା । ଯଦି ଦଳ ତାଙ୍କୁ ଆଉ ରାଜ୍ୟସଭାକୁ ପଠାଇ ନଥାନ୍ତା, ତେବେ ସେ ମନ୍ତ୍ରୀ ହୋଇନଥାନ୍ତେ । ଅନେକ ଦିନ ହେବ ମୋଦି ସରକାରରେ କ୍ୟାବିନେଟ୍ ସମ୍ପ୍ରସାରଣକୁ ନେଇ ମଧ କଳ୍ପନାଜଳ୍ପନା ଚାଲିଛି । ଏଭଳି ପରିସ୍ଥିତିରେ ଦଳ ହରଦୀପ ପୁରୀଙ୍କୁ ରାଜ୍ୟସଭା ପ୍ରାର୍ଥୀ କରିଛି, ତେଣୁ ସେ କ୍ୟାବିନେଟରେ ରହିପାରନ୍ତି ବୋଲି ରାସ୍ତା ଏକପ୍ରକାର କ୍ଲିୟର ହୋଇଛି । ନଭେମ୍ବର ୧୨ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ ।ମଧ୍ୟପ୍ରଦେଶରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏଲ୍ ମୁରୁଗାନଙ୍କ ଇସ୍ତଫା ପରେ ଏହି ଆସନ ଖାଲି ପଡ଼ିଛି । ନଭେମ୍ବର ୧୨ ତାରିଖରେ ଏହି ଉପନିର୍ବାଚନ ଅନୁଷ୍ଠିତ ହେବ । ନାମାଙ୍କନ ଦାଖଲ କରିବାର ଶେଷ ତାରିଖ ହେଉଛି ନଭେମ୍ବର ୨ । ମୋଦି କ୍ୟାବିନେଟରେ ହରଦୀପ ପୁରୀ ହେଉଛନ୍ତି ଏକମାତ୍ର ଶିଖ୍ ମନ୍ତ୍ରୀ ।

# କେନ୍ଦ୍ର କର୍ମଚାରୀଙ୍କ ବଢ଼ିଲା ମହଙ୍ଗା ଭତା




ନୂଆଦିଲ୍ଲୀ,୨୮।୧୦: କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନଶନଭୋଗୀଙ୍କ ପାଇଁ ଖୁସି ଖବର। ବୁଧବାର କେନ୍ଦ୍ର କ୍ୟାବିନେଟ୍ ମହଙ୍ଗା ଭତା (ଡିଏ)ରେ ୩% ବୃଦ୍ଧି ନେଇ ମଞ୍ଜୁରୀ ଦେଇଛି। ଏହି ବୃଦ୍ଧି ପରେ କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତା ବର୍ତ୍ତମାନ ୬୦% ରୁ ବଢି ୬୩% ହୋଇଛି। ଏହି ବୃଦ୍ଧି ଜୁଲାଇ ୨୦୨୬ର ଡିଏ ସଂଶୋଧନ ଅନୁସାରେ କରାଯାଇଛି। ଏହାଦ୍ୱାରା ୫୫ ଲକ୍ଷରୁ ଅଧିକ କେନ୍ଦ୍ରୀୟ କର୍ମଚାରୀ ଏବଂ ପ୍ରାୟ ୬୯ ଲକ୍ଷ ପେନ୍ସନ୍‌ଭୋଗୀ ଉପକୃତ ହେବେ। ତେବେ ଏହି ବୃଦ୍ଧି ପରେ କର୍ମଚାରୀଙ୍କ ମାସିକ ଦରମା କେତେ ବଢ଼ିବ ? ଆସନ୍ତୁ ଜାଣିବା। ଏପ୍ରିଲରେ ହୋଇଥିବା ବୃଦ୍ଧି ପରେ କେନ୍ଦ୍ରୀୟ କର୍ମଚାରୀମାନେ ମୂଳ ଦରମାର ୬୦ ପ୍ରତିଶତ ହିସାବରେ ମହଙ୍ଗା ଭତା ପାଉଥିଲେ। ଏବେ ଆଉ ୩ ପ୍ରତିଶତ ବୃଦ୍ଧି ହେଲେ ଏହା ୬୩ ପ୍ରତିଶତକୁ ବଢ଼ିବ। କେନ୍ଦ୍ର ସରକାର ସାଧାରଣତଃ ବର୍ଷକୁ ଦୁଇଥର ମହଙ୍ଗା ଭତା (ଡଇ) ଏବଂ ପେନ୍ସନଭୋଗୀଙ୍କ ମହଙ୍ଗା ରିଲିଫ୍ (ଡଜ) ସଂଶୋଧନ କରନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ମୁଦ୍ରାସ୍ଫୀତି ଯୋଗୁଁ ବଢୁଥିବା ଖର୍ଚ୍ଚର ପ୍ରଭାବକୁ କମାଇବା। ଡିଏରେ ୩ ପ୍ରତିଶତ ବୃଦ୍ଧି ହେଲେ ମୂଳ ଦରମା ଅନୁଯାୟୀ କର୍ମଚାରୀଙ୍କ ମାସିକ ଆୟରେ ବୃଦ୍ଧି ହେବ। ଏଭଳି ସ୍ଥିତିରେ କେନ୍ଦ୍ର କର୍ମଚାରୀଙ୍କ ଦରମାରେ ମାସିକ ୫୪୦ ଟଙ୍କାରୁ ନେଇ ୩୦୦୦ ଟଙ୍କା କିମ୍ବା ତାଠାରୁ ଅଧିକ ବୃଦ୍ଧି ହେବ। ଉଦାହରଣ ପାଇଁ ୧୮ ହଜାର ଟଙ୍କାର ବେସିକ୍ ପେ ପାଉଥିବା କର୍ମଚାରୀଙ୍କୁ ପ୍ରତିମାସ ୫୪୦ ଟଙ୍କା , ୨୫୦୦୦ ଟଙ୍କାରୁ ଅଧିକ ପାଉଥିବା କର୍ମଚାରୀଙ୍କୁ ୭୫୦ ଟଙ୍କା, ୫୦ ହଜାର ବେସିକ୍ ପେ ଥିବା କର୍ମଚାରୀଙ୍କୁ ୧,୫୦୦ ଟଙ୍କା ଓ ୧ ଲକ୍ଷ ଟଙ୍କା ବେସିକ୍ ପେ ପାଉଥିବା କର୍ମଚାରୀଙ୍କୁ ୩୦୦୦ ଟଙ୍କା ଅତିରିକ୍ତ ଅର୍ଥ ମିଳିବ। ମହଙ୍ଗା ଭତ୍ତା ହେଉଛି କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ଅତିରିକ୍ତ ଭତା। ଦରଦାମ ବୃଦ୍ଧି ଯୋଗୁଁ କର୍ମଚାରୀଙ୍କ କ୍ରୟ କ୍ଷମତା ଯେପରି କମି ନଯାଏ, ସେଥିପାଇଁ ଏହା ଦିଆଯାଏ। ଡିଏ ମୂଳ ଦରମାର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ହିସାବରେ ଗଣନା କରାଯାଏ। ନୂଆ ଦର ଲାଗୁ ହେବାର ତାରିଖ ଅନୁଯାୟୀ ବକେୟା ଟଙ୍କା ମଧ ମିଳିଥାଏ।

# ଭେନେଜୁଏଲା ହେବ ଆମେରିକାର ୫୧ତମ ରାଜ୍ୟ: ସଙ୍କେତ ଦେଲେ ଟ୍ରମ୍ପ



ୱାସିଂଟନ,୨୮/୧୦:ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ସେ ଭେନେଜୁଏଲାକୁ ୫୧ତମ ଆମେରିକୀୟ ରାଜ୍ୟ ଭାବରେ ଘୋଷଣା କରିବାକୁ ସଙ୍କେତ କରିଛନ୍ତି। ଏହାର କାରଣ ଥିଲା ଦୁଇ ଦେଶ ମଧ୍ୟରେ ବଢୁଥିବା ତୈଳ ସହଯୋଗ। ଟେକ୍ସାସର କର୍ପସ୍ କ୍ରିଷ୍ଟିରେ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ରାଲିରେ ସମର୍ଥକମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି, ମୁଁ ଭେନେଜୁଏଲାକୁ ଧନ୍ୟବାଦ ଦେବାକୁ ଚାହୁଁଛି। ସେଠାରେ ଆମର ସମ୍ପର୍କ ବେଶ୍ ଭଲ ହୋଇଛି। ୱାସିଂଟନ ଏବଂ କାରାକାସ୍ ମଧ୍ୟରେ ଚୁକ୍ତି ଅନୁଯାୟୀ ପ୍ରଥମ ୧୦ ଲକ୍ଷ ବ୍ୟାରେଲ୍ ମାଗଣା ଭେନେଜୁଏଲା ତେଲ ଆସିବ ବୋଲି ସେ ଘୋଷଣା କରିଛନ୍ତି। ଏହି ପରିବହନର ଅର୍ଥନୈତିକ ଏବଂ ଭୂରାଜନୈତିକ ଗୁରୁତ୍ୱ ସେ କହିଛନ୍ତି, ଏହି ଐତିହାସିକ ବିଜୟ ଆମକୁ ବିଶ୍ୱର ତୈଳ ଯୋଗାଣର ଏକ ବଡ଼ ଅଂଶ ଉପରେ ନିୟନ୍ତ୍ରଣ ପ୍ରଦାନ କରିଛି ।ହୁଏତ ଖୁବ୍ ଶୀଘ୍ର ଭେନେଜୁଏଲା ଆମର ଏକ ସମୃଦ୍ଧ ୫୧ତମ ରାଜ୍ୟ ହେବ। ଏହା ସମ୍ଭବ। ତାଙ୍କ ଭାଷଣରେ ଏକ ସମ୍ଭାବ୍ୟ ରାଜନୈତିକ ବ୍ୟବସ୍ଥାକୁ ଦୋହରାଇ ସେ ଦେଶ ପାଇଁ ଏକ ବିକଳ୍ପ ଶାସନ ଗଠନର ରୂପରେଖା ପ୍ରକାଶ କରି କହିଛନ୍ତି, ଆସନ୍ତୁ ଏଭଳି କରିବା। ଆସନ୍ତୁ ଭେନେଜୁଏଲାକୁ ୫୧ତମ ରାଜ୍ୟ କରିବା। ଟ୍ରମ୍ପ ପୂର୍ବରୁ ବିଦେଶୀ ଅଂଚଳଗୁଡ଼ିକ ସମ୍ପର୍କରେ ସମାନ ମଧ ପ୍ରସ୍ତାବ ଦେଇଛନ୍ତି। ଚଳିତ ବର୍ଷ ଆରମ୍ଭରେ ଟ୍ରମ୍ପ ଉଲ୍ଲେଖ କରିଥିଲେ ଯେ, ସେ ଦକ୍ଷିଣ ଆମେରିକୀୟ ଦେଶ କାନାଡାକୁ ଏକ ରାଜ୍ୟ ଭାବରେ ଆମେରିକାରେ ଯୋଡ଼ିବା ପାଇଁ ଗମ୍ଭୀରତାର ସହ ବିଚାର କରୁଛନ୍ତି।

# ଓମାର ଅବଦୁଲ୍ଲାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

## ୪ ନୂଆ ମନ୍ତ୍ରୀ ନେଲେ ଶପଥ

ଶ୍ରୀନଗର,୨୮/୧୦: ଜମ୍ମୁ-କାଶ୍ମୀରରେ ନ୍ୟାସନାଲ କନଫରେନ୍ସ (ଏନ୍ସି) ସରକାରର ମନ୍ତ୍ରିମଣ୍ଡଳରେ ଅଦଳବଦଳକୁ ନେଇ ଲାଗି ରହିଥିବା ଅନିଶ୍ଚିତତା ମଙ୍ଗଳବାର ଶେଷ ହୋଇଛି। ଶ୍ରୀନଗରର ଲୋକ ଭବନରେ ଓମାର ଅବଦୁଲ୍ଲାଙ୍କ ନେତୃତ୍ୱାଧୀନ ସରକାରରେ ନ୍ୟାସନାଲ କନଫରେନ୍ସର ଚାରି ଜଣ ବିଧାୟକ ଅଲି ମହମ୍ମଦ ସାଗର, ଶମିମା ଫିରଦୌସ, ମୀର ସୈଫୁଲ୍ଲା ଏବଂ ଅଲତାଫ ଅହମ୍ମଦ କାଲୁ ମନ୍ତ୍ରୀ ପଦର ଶପଥ ଗ୍ରହଣ କରିଛନ୍ତି। ଉପରାଜ୍ୟପାଳ ମନୋଜ ସିହ୍ନା ନୂତନ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି ଶପଥ ଗ୍ରହଣ ସମାରୋହରେ ବହୁ ବରିଷ୍ଠ ରାଜନେତା ଓ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଦଳବଦଳକୁ ନେଇ ଏନ୍ସିର ବରିଷ୍ଠ ନେତା ମୁବାରକ ଗୁଲ୍ ଅସନ୍ତୋଷ ପ୍ରକାଶ କରିଛନ୍ତି। ମନ୍ତ୍ରିମଣ୍ଡଳରେ ସ୍ଥାନ ନମିଳିବାରୁ ସେ ନିରାଶା ବ୍ୟକ୍ତ କରିଛନ୍ତି। ଲୋକ ଭବନ ବାହାରେ ସାମ୍ବାଦିକମାନଙ୍କ ସହ କଥା ହୋଇ ଗୁଲ୍ କହିଛନ୍ତି, "ମୁଁ ଏପର୍ଯ୍ୟନ୍ତ ୩୦ଟି ଶପଥ ଗ୍ରହଣ ସମାରୋହ ଦେଖିଛି। ପ୍ରତ୍ୟେକ ଥର ମୋତେ ବାହାରେ ରଖାଯାଇଛି ଏବଂ ଆଜି ମଧ ମୋତେ ବାହାରେ ରଖାଯାଇଛି।" ଶମିମା ଫିରଦୌସ କହିଛନ୍ତି ଯେ ଏବେ ସେ ଆହୁରି ଅଧିକ ପରିଶ୍ରମ କରିବେ। ମନ୍ତ୍ରିମଣ୍ଡଳରେ ସାମିଲ ହେବା ପୂର୍ବରୁ ମୀର ସୈଫୁଲ୍ଲା ଏହି ସୁଯୋଗ ପାଇଁ ଦଳର ନେତୃତ୍ୱ ଏବଂ ଆଲ୍ଲାଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ, "ଏହି ସୁଯୋଗ ପାଇଁ ଡ. ଫାରୁକ୍ ଅବଦୁଲ୍ଲାଙ୍କ ନେତୃତ୍ୱାଧୀନ ନ୍ୟାସନାଲ କନଫରେନ୍ସ ଏବଂ ଆଲ୍ଲାଙ୍କ ନିକଟରେ ମୁଁ ଅତ୍ୟନ୍ତ କୃତଜ୍ଞ।" ଉଲ୍ଲେଖଯୋଗ୍ୟ, ଚାରି ଜଣ ବିଧାୟକ ମନ୍ତ୍ରିମଣ୍ଡଳରେ ସାମିଲ ହେବେ ବୋଲି ଆଶା କରାଯାଉଥିଲା।

# ବାତ୍ୟା ଆଶ୍ରୟସ୍ଥଳରେ ରନ୍ଧା ଖାଦ୍ୟର ମାନ ଯାଚଂ କଲେ ଉପମୁଖ୍ୟମନ୍ତ୍ରୀ



ରାୟଗଡ଼ା,୨୮/୧୦(ନି/ପ୍ର):ବାତ୍ୟା ଅର୍ଣ୍ଣବ ପରିଚାଳନା ପାଇଁ ରାୟଗଡା ଜିଲ୍ଲା ଦାୟିତ୍ୱରେ ରହିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପଦ୍ମପୁର ବ୍ଲକ ଜୟପଙ୍ଗା ଆଶ୍ରୟସ୍ଥଳୀରେ ପହଚିଂ ସ୍ଥିତି ସମୀକ୍ଷା କରିଛନ୍ତି। ଲୋକଙ୍କ ପାଇଁ ପ୍ରସ୍ତୁତ ରନ୍ଧା ଖାଦ୍ୟର ମାନ ଯାଚଂ କରିବା ସହ ଉପମୁଖ୍ୟମନ୍ତ୍ରୀ ନିଜେ ରନ୍ଧା ଖାଦ୍ୟ ଖାଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ଓ ରାସନ ସାମଗ୍ରୀ ବଂଟନ କରିବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ। ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ଡେରିଗାଁ ପଚାଂୟତ ମୁତୁକୁଣି ଗ୍ରାମର କଚ୍ଚା ଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଗ୍ରାମର ପ୍ରାୟ ୧୬ଟି ପରିବାରର ୫୨ ଜଣ ସଦସ୍ୟଙ୍କୁ ଆଣି ଜୟପଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇଛି। ସେଠାରେ ସେମାନଙ୍କୁ ରନ୍ଧା ଖାଦ୍ୟ ଓ ଅନ୍ୟାନ୍ୟ ଜରୁରୀ ସୁବିଧା ଯୋଗାଇ ଦିଆଯାଉଛି। ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ରାୟଗଡ଼ା ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ଲାଗି ରହିଛି।

## ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଧାରଣରେ ବସିଲେ ଅଭିଭାବକ

ବେତନଟୀ,୨୮/୧୦(ନି/ପ୍ର): ପିଲାଙ୍କ ହାତରେ ବହି ଓ କଲମ ଧରାଇ ଭବିଷ୍ୟତ ଗଢ଼ିବା ହେଉଛି ଶିକ୍ଷକଙ୍କ ପ୍ରମୁଖ ଦାୟିତ୍ୱ। କିନ୍ତୁ ବିଦ୍ୟାଳୟରେ ପାଠପଢ଼ା ପରିବର୍ତ୍ତେ ପିଲାମାନଙ୍କୁ ନିଜ ଗୋଡ଼ ଘୋଷେଇବା, ଘାସ ଉପାଡ଼ିବା, ଜାଳେଣି ପତ୍ର ସଂଗ୍ରହ କରି ବୋହିବା କାମରେ ନିୟୋଜିତ କରାଯାଉଥିବା ଅଭିଯୋଗ ଏବେ ଶିକ୍ଷା ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନଚିହ୍ନ ଛିଡ଼ା କରିଛି। ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ବିରୋଧରେ ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ବିଦ୍ୟାଳୟର ଶିକ୍ଷା ପରିଚାଳନା କମିଟିର ସଦସ୍ୟ ଓ ଅଭିଭାବକମାନେ।

# ସ୍ମିତ ମଚ୍ଛାରଙ୍କୁ ୟୁଏଇର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଜାଏଦ୍-୨' ପ୍ରଦାନ



ଆବୁଧାବି,୨୮/୧୦: ଫ୍ଲାଏଦୁବାଇ ପାଇଲଟ୍ କ୍ୟାପଟେନ୍ ସ୍ମିତ ମଚ୍ଛାରଙ୍କୁ ସଂଯୁକ୍ତ ଆରବ ଏମିରେଟ୍ସର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହୟାନ୍ ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଜାଏଦ୍-୨' ପ୍ରଦାନ କରିଛନ୍ତି। ତାଙ୍କ ଅଦମ୍ୟ ସାହସ ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଦୁବାଇରୁ ତେଲ ଅଭିଭ୍ ଯାଉଥିବା ଫ୍ଲାଏଦୁବାଇ ବିମାନର କକପିଟରେ ଘଟିଥିବା ଭୟଙ୍କର ଘଟଣା ସମଗ୍ର ବିଶ୍ୱକୁ ଚକିତ କରିଦେଇଥିଲା। ଗୁରୁତର ଆହତ ହେବା ସତ୍ତ୍ୱେ ଭାରତୀୟ କ୍ୟାପଟେନ୍ ସ୍ମିତ ସାହସ ପ୍ରଦର୍ଶନ କରି ୧୭୪ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କ ଜୀବନ ବଚାଂଇଥିଲେ ।କ୍ୟାପଟେନ୍ ସ୍ମିତ ତାଙ୍କ ଆହତ ହାତରେ ବ୍ରେସ୍ ପିନ୍ଧି ତାଙ୍କ କ୍ରୁ ସଦସ୍ୟଙ୍କ ସହିତ ଉତ୍ସବରେ ପହଚିଂଥିଲେ। ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନ୍ ଏହି ଅବସରରେ ତାଙ୍କୁ ଆଲିଙ୍ଗନ କରିଥିଲେ। ଦୁବାଇର ଶାସକ ଶେଖ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକତୁମ୍ ଏବଂ ରାଜପରିବାରର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଦୁବାଇର ଯୁବରାଜ ଶେଖ୍ ହମଦାନ୍ ବିନ୍ ମହମ୍ମଦ କ୍ରୁ ସଦସ୍ୟମାନଙ୍କୁ ପଦକ ପ୍ରଦାନ କରି ସେମାନଙ୍କ ସାହସ, ଦାୟିତ୍ୱ ଏବଂ ଶୀଘ୍ର ନିଷ୍ପତ୍ତି ନେବାର କ୍ଷମତାକୁ ପ୍ରଶଂସା କରି କହିଛନ୍ତି, ଏହା ୟୁଏଇର ବିମାନ ଚଳାଚଳ କ୍ଷେତ୍ରର ସର୍ବୋଚ୍ଚ ମାନଦଣ୍ଡକୁ ପ୍ରତିଫଳିତ କରିଛି। ଏହା ୟୁଏଇର ଏକ ମର୍ଯ୍ୟାଦାଜନକ ନାଗରିକ ଏବଂ ସାମରିକ ସମ୍ମାନ। ଏହା ଦେଶ ଏବଂ ସମାଜ ପାଇଁ ଅସାଧାରଣ, ସାହସିକ ଏବଂ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ। ସେପଟେମ୍ବର ୩୦ ତାରିଖରେ, ଦୁବାଇରୁ ତେଲ ଅଭିଭ ଯାଉଥିବା ଫ୍ଲାଏଦୁବାଇ ବିମାନ ସମୟରେ, ଜଣେ ଓମାନୀ ସହ-ପାଇଲଟ୍ ହଠାତ୍ କକପିଟ୍ ଉପରେ ଆକ୍ରମଣ କରିଥିଲେ। ତାଙ୍କର ଉଦ୍ଦେଶ୍ୟ ଥିଲା ଯାତ୍ରୀମାନଙ୍କୁ ସର୍ବାଧିକ କ୍ଷତି ପହଚାଂଇବା। ଏହି ଭୟଙ୍କର ପରିସ୍ଥିତିରେ, କ୍ୟାପଟେନ୍ ସ୍ମିତ୍ ମାଛର୍ ଗୁରୁତର ଆହତ ହୋଇଥିଲେ, ତଥାପି ସେ ଅଦମ୍ୟ ସାହସ ଏବଂ ବୁଦ୍ଧିମାନର ଉପସ୍ଥିତି ପ୍ରଦର୍ଶନ କରିଥିଲେ। କ୍ୟାପଟେନ୍ ସ୍ମିତଙ୍କ ସାହସ କେବଳ ତାଙ୍କର ବ୍ୟକ୍ତିଗତ ଆଗ୍ରହ ଏବଂ ସମର୍ପଣର ପ୍ରତୀକ ନୁହେଁ, ବରଂ ସମଗ୍ର ବିମାନ ଚଳାଚଳ ଜଗତ ପାଇଁ ଏକ ପ୍ରେରଣା ପାଲଟିଛି।

# ବାତ୍ୟା 'ଅର୍ଣ୍ଣବ'ର ଲ୍ୟାଣ୍ଡଫଲ୍ ଶେଷ: ୧୫୦ କିମି ବେଗରେ ପବନ

## ଧୀରେ ଧୀରେ ଦୁର୍ବଳ ହେଉଛି ବାତ୍ୟା



ଭୁବନେଶ୍ୱର,୨୮/୧୦(ନି/ପ୍ର): ଦୀର୍ଘ ସାଢ଼େ ୬ ଘଣ୍ଟାର ସଂଘର୍ଷ ପରେ ସ୍ଥଳଭାଗ ଅତିକ୍ରମ କରିଛି ଅତି ଭୀଷଣ ବାତ୍ୟା ଅର୍ଣ୍ଣବ। ୟନମ ଉପକୂଳ ନିକଟରେ ଲ୍ୟାଣ୍ଡଫଲ୍ କରିବା ପରେ ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି ବାତ୍ୟା । ଲ୍ୟାଣ୍ଡଫଲ୍ ସମୟରେ ଘଟାଂପ୍ରତି ସର୍ବାଧିକ ୧୫୦ କିଲୋମିଟର ବେଗରେ ଝଟ୍‌କା ପବନ ବହିଥିବା ସୂଚନା ମିଳିଛି। ତେବେ ବାତ୍ୟାର ପ୍ରଭାବ ଏବେ ମଧ ଜାରି ରହିଥିବାରୁ ଉପକୂଳବର୍ତ୍ତୀ ଅଂଚଳରେ ଚିନ୍ତା ବଢ଼ିଛି। ସ୍ଥଳଭାଗ ଅତିକ୍ରମ କରିବା ପରେ ଅର୍ଣ୍ଣବ ଅତି ଭୀଷଣ ବାତ୍ୟାରୁ ଭୀଷଣ ବାତ୍ୟାରେ ପରିଣତ ହୋଇଛି। ଆଗକୁ ଏହା ଆହୁରି ଦୁର୍ବଳ ହୋଇ ଗଭୀର ଅବପାତର ରୂପ ନେବାର ଆକଳନ କରାଯାଇଛି। ଏହା ସହିତ ପବନର ବେଗ ମଧ କମିବାରେ ଲାଗିଛି। ପୂର୍ବରୁ ଘଟାଂପ୍ରତି ୧୧୦ରୁ ୧୨୦ କିଲୋମିଟର ବେଗରେ ପବନ ବହୁଥିବା ବେଳେ ଏବେ ଝଟ୍‌କା ପବନର ବେଗ ଘଟାଂପ୍ରତି ୧୩୫ କିଲୋମିଟରକୁ ହ୍ରାସ ପାଇଥିବା କୁହାଯାଇଛି । ଅନ୍ୟପଟେ ଓଡ଼ିଶାର ଦକ୍ଷିଣ ଜିଲ୍ଲାଗୁଡ଼ିକ ପ୍ରତି ବାତ୍ୟାର ପ୍ରଭାବକୁ ନେଇ ନଜର ରଖାଯାଇଛି । ଦିଆଯାଇଥିବା ତଥ୍ୟ ଅନୁସାରେ, ବାତ୍ୟାଟି କୋରାପୁଟଠାରୁ ୧୮୮ କିଲୋମିଟର, ଗଞ୍ଜାମଠାରୁ ୧୬୧ କିଲୋମିଟର ଏବଂ ଗଜପତିଠାରୁ ୧୩୫ କିଲୋମିଟର ଦୂରରେ ରହିଛି ।

# ପେଟ୍ରୋଲ ଟାଙ୍କିରେ ବିସ୍ଫୋରଣ:

## କର୍ମଚାରୀଙ୍କ ଶରୀର ହେଲା ଖଣ୍ଡ ଖଣ୍ଡ

ନୀଳଗିରି,୨୮/୧୦(ନି/ପ୍ର):ପେଟ୍ରୋଲ ଟାଙ୍କିରେ ବିସ୍ଫୋରଣ ; କର୍ମଚାରୀଙ୍କ ଶରୀର ହେଲା ଖଣ୍ଡ ଖଣ୍ଡ। ବାଲେଶ୍ୱର ଜିଲା ନୀଳଗିରି ସହର ବାଲିଗୋହିରି ସ୍ଥିତ ସତ୍ୟସାଇ ପେଟ୍ରୋଲ ଟାଙ୍କିରେ ନୂଆ ଟାଙ୍କି ଲଗା ଯାଉଥିଲା। ଠିକାଦାରଙ୍କ ପକ୍ଷରୁ ସକାଳେ ନୂଆ ଟାଙ୍କି ଖଞ୍ଜା ଯାଉଥିଲା। ଗ୍ୟାସ କଟରରେ ଟାଙ୍କି କାମ କରାଯାଉଥିବା ସମୟରେ ପେଟ୍ରୋଲ ସଂସ୍ପର୍ଶରେ ଆସି ଉକ୍ତ ଟାଙ୍କିଟି ବିସ୍ଫୋରଣ କରିଥିଲା। ଏହି ସମୟରେ ଶୌଚାଳୟକୁ ଯାଇଥିବା ଟାଙ୍କି କର୍ମଚାରୀ ତଥା ବିମ୍ବୁରିଆ ଗାଁର ହୁଆ ଓରଫ ବୀରେନ୍ଦ୍ର ସିଂହଙ୍କ ବିସ୍ଫୋରଣରେ ମୃତ୍ୟୁ ଘଟିଛି। ତାଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଯାଇଛି। ବିସ୍ଫୋରଣ ସ୍ଥଳରେ ଭିଡ଼ ଲାଗି ଉତେଜନା ସୃଷ୍ଟି ହୋଇଛି। ଖବର ପାଇ ପୁଲିସ, ଅଗ୍ନିଶମକର୍ମଚାରୀ ସେଠାରେ ପହଚିଂ ଉତେଜନା ନିୟନ୍ତ୍ରଣ ପାଇଁ ଉଦ୍ୟମ ଚଳାଇଛନ୍ତି। ଖସି ପଳାଉଥିବା ଠିକାଦାରଙ୍କ ଦୁଇ କର୍ମଚାରୀକୁ ଉତ୍ୟକ୍ତ ଲୋକେ ଧରି ନିସ୍ତୁକ ପିଟିଛନ୍ତି। ପୁଲିସ ସେମାନଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି। କପ୍ତିପଦା ମୁଖ୍ୟ ରାସ୍ତାରେ ମୃତକଙ୍କ ସମ୍ପର୍କୀୟ ଓ ଉତ୍ୟକ୍ତ ଲୋକ ଶବ ରଖି ରାସ୍ତାରୋକ କରିଛନ୍ତି। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ନୀଳଗିରି ଭାରପ୍ରାପ୍ତ ତହସିଲଦାର ଶୁଭଶ୍ରୀ ଜେନା, ବାଲେଶ୍ୱର ଅତିରିକ୍ତ ଏସପି ଦେବଜ୍ୟୋତି ଦାଶ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ବୁଝାସୁଝା କରୁଛନ୍ତି।

# ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି, ଲୋକେ ଚିନ୍ତା କରନ୍ତୁ ନାହିଁ: ମନ୍ତ୍ରୀ



ଭୁବନେଶ୍ୱର,୨୮/୧୦(ନି/ପ୍ର): ରାଜସ୍ୱ ଏବଂ ପ୍ରାକୃତିକ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ମାଲକାନଗିରି ଜିଲ୍ଲାରେ ବେଶୀ ପ୍ରଭାବ ପକାଇବ। ଏଥି ସହିତ ଦକ୍ଷିଣ ଓଡ଼ିଶାର ଅନ୍ୟ ଜିଲ୍ଲା (କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଏବଂ ଗଜପତି) ଗୁଡ଼ିକ ମଧ ପ୍ରଭାବିତ ହେବେ। ଗତକାଲି ଠାରୁ ବର୍ଷାର ପରିମାଣ ବଢ଼ିଛି ଏବଂ ପବନର ବେଗ ମଧ ବଢ଼ିବା ଆରମ୍ଭ କରିଛି। ସ୍ଥଳଭାଗରେ ବାତ୍ୟା ଯେତିକି ନିକଟତର ହେବ, ପ୍ରଭାବ ସେତିକି ଦେଖାଯିବ। ସରକାର ଏବଂ ପ୍ରଶାସନ ତୃଣମୂଳସ୍ତରରେ କାମ କରୁଛନ୍ତି। ମନ୍ତ୍ରୀ ଏବଂ ଅଧିକାରୀମାନେ ଜନସାଧାରଣଙ୍କର ସହିତ ଅଛନ୍ତି। ସେମାନଙ୍କର ଅସୁବିଧା କଥା ପଚାରୁଛନ୍ତି। ସମସ୍ୟାର ସମାଧାନ ପାଇଁ ମଧ କାମ କରୁଛନ୍ତି। ଅଧିକାରୀମାନେ ଗତକାଲି ବାତ୍ୟା ନେଇ ପ୍ରସ୍ତୁତି ନିରୀକ୍ଷଣ, ସମୀକ୍ଷା କରୁଥିଲେ। ଶ୍ରୀ ପୂଜାରୀ କହିଛନ୍ତି, ବାତ୍ୟାର ପ୍ରଭାବକୁ ଦୃଷ୍ଟିରେ ରଖି ସ୍ଥାନାନ୍ତରଣ ପ୍ରକ୍ରିୟା ଜାରି ରହିଛି।୨୦୦୦ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଆହୁରି ୨୦୦୦ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରିତ କରାଯିବ। ସମ୍ବେଦନଶୀଳ ଅଂଚଳରେ ଉଦ୍ଧାରକାରୀ ଦଳଗୁଡ଼ିକ ମୁତୟନ ଅଛନ୍ତି। ୬୦ଟି ଓଡ୍ରାଫ୍, ୯ଟି ଏନ୍‌ଡିଆରଏଫ୍, ୨୪୪ଟି ଅଗ୍ନିଶମ ବାହିନୀର ଟିମ ମୁତୟନ ଅଛନ୍ତି। ୨୦୩୭ଟି ଆଶ୍ରୟ ସ୍ଥଳୀ ପ୍ରସ୍ତୁତ ଅଛି। ୧୪୧ଟି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ଅଛି। ସମୁଦ୍ର ଭିତରୁ ୧୯୧୪୦ ବୋଟ ସ୍ଥଳ ଭାଗକୁ ଫେରି ଆସିଛନ୍ତି। ଗତକାଲି ସନ୍ଧ୍ୟା ପର୍ଯ୍ୟନ୍ତ ୪୮ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି ସଂଖ୍ୟା ଆହୁରି ବଢ଼ିଛି। ମନ୍ତ୍ରୀ କହିଛନ୍ତି, ଯେଉଁଠି ବାତ୍ୟା ପହଚିଂବ, ସେଠାରେ ସ୍ୱାଭାବିକ ଭାବେ କ୍ଷତିଗ୍ରସ୍ତ ହେବ। ନିକଟ ଅଂଚଳରେ ପ୍ରଭାବ ଦେଖାଯିବ। ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି। ଲୋକେ ଭୟଭୀତ ହୁଅନ୍ତୁ ନାହିଁ।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# କେନ୍ଦୁଝର ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ତଥା ସାଧୁତାର ଶପଥ ପାଠ



କେନ୍ଦୁଝର,୨୮/୧୦(ନି/ପ୍ର): କେନ୍ଦୁଝର ଜିଲ୍ଲାରେ ପ୍ରଶାସନିକ ସ୍ୱଚ୍ଛତା ଏବଂ ଦୁର୍ନୀତି ନିବାରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଆଜି ଦୁର୍ନୀତି ନିବାରଣ ସପ୍ତାହର ପ୍ରଥମ ଦିନରେ ଯୁଗ୍ମ ଅଭିଯୋଗ ଶୁଣାଣି ଅବସରରେ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ବିରୋଧରେ ସାଧୁତାର ଶପଥ ଗ୍ରହଣ କରିଛନ୍ତି । ପାଟଣା ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିଲେ ।ଆଜିଠାରୁ 'ଦୁର୍ନୀତି ନିବାରଣ ସପ୍ତାହ'ର ଶୁଭାରମ୍ଭ ହୋଇଥିବା ବେଳେ ଆଗାମୀ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ବିଭାଗ ତରଫରୁ ବିଭିନ୍ନ ସଚେତନତା ଓ ଦୁର୍ନୀତି ବିରୋଧୀ କାର୍ଯ୍ୟକ୍ରମମାନ ଆୟୋଜିତ ହେବ । ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ, ଆରକ୍ଷୀ ଅଧିକ୍ଷକ ଶ୍ରୀ ନୀତିନ କୁଶଳକର, ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ହନୁମନ୍ତ ଧାମଧେରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ, କେନ୍ଦୁଝର, ପାଟଣା ତହସିଲଦାର ଶ୍ରୀ ଅଶ୍ୱିନୀ କୁମାର ନାୟକ ଆଦି ଉପସ୍ଥିତ ଥିଲେ । ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସାଙ୍ଗକୁ ସେମାନଙ୍କୁ ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ପ୍ରଶାସନିକ ସେବା ଯୋଗାଇଦେବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଅନ୍ୟପକ୍ଷରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ମଧ୍ୟ ସାଧୁତା ଓ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୧ ଘଟିକା ସମୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ମନ୍ଦରଧର ମହାଳିକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମସ୍ତ ବିଭାଗ ଓ ଉପ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ । ଏଥିରେ ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା,କିରଣ କୁମାର ନାଏକ, ଅରୁଣିମା ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସାର୍ଥକ ରାଏ, ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ, ସୁବ୍ରତ କୁମାର ପାତ୍ର, ସନ୍ତୋଷ କୁମାର ଜେନା, ବୈରାଗୀ ନାୟକ, ସନ୍ତୋଷ କୁମାର ପରିଡ଼ା ଓ କର୍ମଚାରୀମାନେ ଶପଥ ପାଠ କରିଥିଲେ ।ଏହି ଶପଥ ପାଠ ମାଧ୍ୟମରେ ସମସ୍ତେ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ସଚ୍ଚୋଟତା ଅବଲମ୍ବନ କରିବା, ଦୁର୍ନୀତି ବିରୋଧରେ ସଚେତନ ରହିବା ଏବଂ ଏକ ସ୍ୱଚ୍ଛ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ ପ୍ରଶାସନିକ ବ୍ୟବସ୍ଥା ଗଠନ ଦିଗରେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦିଆଯାଇଥିଲା ।ଦୁର୍ନୀତି ନିବାରଣ କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ଏହା ଏକ ସାମୂହିକ ସାମାଜିକ ଦାୟିତ୍ୱ । ଏଥିପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ ଓ ନୈତିକ ପ୍ରତିବଦ୍ଧତା ଆବଶ୍ୟକ ବୋଲି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତ୍ତା ପ୍ରଦାନ କରାଯାଇଥିଲା ।

# ରାସ୍ତା କଡ଼ ରେ କଇଁଛ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କଲେ ପ୍ରକୃତି ପ୍ରେମୀ ବ୍ୟାସଦେବ

ସୁବର୍ଣ୍ଣପୁର,୨୮/୧୦(ନି/ପ୍ର): ସୋନପୁର-ବଲାଙ୍ଗୀର ଜାତୀୟ ରାଜପଥ ହରଡ଼ଖୋଲ ରାସ୍ତାକଡ଼ରୁ ଆଜି ଏକ କଇଁଛକୁ ଅସହାୟ ଅବସ୍ଥାରେ ଉଦ୍ଧାର କରିଛନ୍ତି ସୋନପୁର ବ୍ଲକ୍ ଅନ୍ତର୍ଗତ କୁଲିପାଲି ଗ୍ରାମ ର ପ୍ରକୃତି ପ୍ରେମୀ ବ୍ୟାସ ଦେବ ନନ୍ଦ । ଏହି ନିରୀହ ଜୀବଟିର ସୁରକ୍ଷା ଓ ଉପଯୁକ୍ତ ଯତ୍ନକୁ ଗୁରୁତ୍ୱ ଦେଇ ସେ ସୋନପୁର ଜୁନିୟର୍ ରେଡ଼କ୍ରସ ପରାମର୍ଶ ଦାତା ଶ୍ରୀ ବିକ୍ରମ କୁମାର ନନ୍ଦଙ୍କ ପରାମର୍ଶକ୍ରମେ ସୋନପୁର ବନ ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରିଥିଲେ ଏବଂ ଏହି କଇଁଛ ଶାବକଟିକୁ ଉପଯୁକ୍ତ ପ୍ରାକୃତିକ ଆବାସରେ ଛାଡ଼ିବା ଉଦ୍ଦେଶ୍ୟରେ ବନ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ । କୁଲିପାଲିର ଶିକ୍ଷକ ବିକ୍ରମ କୁମାର ନନ୍ଦ,ପ୍ରଶାନ୍ତ,ପ୍ରଦୀପ ଜୟନ୍ତ ପ୍ରଧାନ ପ୍ରମୁଖ ଏହି ମହତ କାର୍ଯ୍ୟ ରେ ଶ୍ରୀ ନନ୍ଦ ଙ୍କୁ ପ୍ରେରଣା ଯୋଗାଇ ଥିଲେ ।ଏହି ଅବସରରେ ଶ୍ରୀ ନନ୍ଦ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ସହ ଜୈବ ବିବିଧତାର ରକ୍ଷା ପାଇଁ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ସଚେତନ କରିଥିଲେ । ଏଥିସହ ଜଙ୍ଗଲ ଓ ପରିବେଶର ସନ୍ତୁଳନ ରକ୍ଷା କରିବାରେ ପ୍ରତ୍ୟେକ ଜୀବଜନ୍ତୁଙ୍କର ଗୁରୁତ୍ୱ ରହିଛି ବୋଲି ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିଥିଲେ । ଶ୍ରୀ ନନ୍ଦଙ୍କ ଏହି ମହତ୍ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି । ଏମାନଙ୍କ ସୁରକ୍ଷା କେବଳ ବନ ବିଭାଗର ଦାୟିତ୍ୱ ନୁହେଁ, ବରଂ ସମାଜର ପ୍ରତ୍ୟେକ ନାଗରିକଙ୍କର ନୈତିକ କର୍ତ୍ତବ୍ୟ । ରାସ୍ତାକଡ଼ରେ କିମ୍ବା ଜନବସତି ନିକଟରେ କୌଣସି ବନ୍ୟପ୍ରାଣୀ ଅସହାୟ ଅବସ୍ଥାରେ ଦେଖାଗଲେ, ତାକୁ ଆଘାତ ନଦେଇ ତୁରନ୍ତ ବନ ବିଭାଗକୁ ଖବର ଦେବା ଉଚିତ ।ବନ୍ୟପ୍ରାଣୀଙ୍କୁ ନିଜ ଘରେ ରଖିବା କିମ୍ବା ନିଜ ଇଚ୍ଛାରେ ଅନ୍ୟତ୍ର ଛାଡ଼ିବା ପରିବର୍ତ୍ତେ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ । ଜୀବେ ଦୟା, ପ୍ରକୃତି ପ୍ରତି ଶ୍ରଦ୍ଧା- ଏହା ହିଁ ପ୍ରକୃତ ମାନବିକତା ।

# ପୁଇଁନ୍ତଳା ପଚାଂୟତ ସମିତି କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର

ବଲାଙ୍ଗୀର,୨୮/୧୦(ନି/ପ୍ର):ବଲାଙ୍ଗୀର ଜିଲ୍ଲାର ପୁଇଁନ୍ତଳା ପଂଚାୟତ ସମିତି କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମୃତ କୁମାର ପଣ୍ଡା ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ । ଏହି ଶିବିରରେ ମୋଟ ୧୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା, ଯେଉଁଥିରେ ୫ଟି ଗୋଷ୍ଠୀଗତ ଏବଂ ୧୧ଟି ବ୍ୟକ୍ତିଗତ ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା । ସେଥିମଧ୍ୟରୁ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକର ନିୟମାନୁଯାୟୀ ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଯାଂଚ ଓ ସମାଧାନ ପ୍ରକ୍ରିୟାରେ ସହଯୋଗ କରିଥିଲେ । ଏହାସହ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ କୁ ଆଧାର କରି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ସମ୍ଭାବ୍ୟ ବାତ୍ୟା ଓ ଅବପାତ ପ୍ରଭାବରେ ଆସନ୍ତା ଅକ୍ଟୋବର ୨୭ରୁ ୨୯ ତାରିଖ ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାର ତୀବ୍ରତା ଏବଂ ପ୍ରଭାବକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗକୁ ସଜାଗ ରହିବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ପାଣିପାଗର ପରିବର୍ତ୍ତନ ଉପରେ ନିରନ୍ତର ନଜର ରଖିବାକୁ କୁହାଯାଇଛି । ଏଥିସହ ସତର୍କ ସୂଚନା ଓ ଆବଶ୍ୟକ ତଥ୍ୟ ତୁରନ୍ତ ଜନସାଧାରଣଙ୍କ ନିକଟରେ ପହଂଚାଇବା ଉପରେ ଗୁରୁତ୍ୱ ଦିଆଯାଇଛି । ଜିଲ୍ଲାର ସମସ୍ତ ବ୍ଲକ୍ରେ କଂଟ୍ରୋଲ୍ ରୁମ୍ ସ୍ଥାପନ କରି ଜରୁରୀ ପରିସ୍ଥିତିର ତ୍ୱରିତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ଗ୍ରାମଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ରଖିବା ସହ ପାଣିପାଗ ବିଭାଗର ସତର୍କ ସୂଚନା ଓ ପରିସ୍ଥିତିର ଗମ୍ଭୀରତାକୁ ଦେଖି ଆବଶ୍ୟକ ପଡ଼ିଲେ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିବାକୁ ନିଷ୍ପତି ହୋଇଛି । ବିପଦସଙ୍କୁଳ ଅଂଚଳରେ ରହୁଥିବା ଲୋକଙ୍କୁ ଚିହ୍ନଟ କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜରୁରୀକାଳୀନ ସ୍ଥିତିରେ ତୁରନ୍ତ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପରିଚାଳନା ପାଇଁ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରକୁ ୨୪ ଘଂଟିଆ ସକ୍ରିୟ ରଖାଯାଇଛି । ବାତ୍ୟା ସମ୍ପର୍କିତ ଯେକୌଣସି ଜରୁରୀ ସୂଚନା ଓ ସହାୟତା ପାଇଁ ଜନସାଧାରଣ ଦୂରଭାଷା ସଂଖ୍ୟା ୯୪୩୮୭୭୬୩୯୪ ରେ ଯୋଗାଯୋଗ କରିପାରିବେ । ଆବଶ୍ୟକତା ଅନୁଯାୟୀ ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗ ଟିମ୍ ବିପଦପ୍ରବଣ ଅଂଚଳରେ ମୁତୟନ କରି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ସ୍ୱାସ୍ଥ୍ୟସେବାକୁ ସ୍ୱାଭାବିକ ରଖିବା ସହିତ ଗର୍ଭବତୀ ମହିଳାମାନଙ୍କୁ ସୁରକ୍ଷିତ ସ୍ଥାନକୁ ଯଥାଶୀଘ୍ର ସ୍ଥାନାନ୍ତର କରିବା, ଜରୁରୀକାଳୀନ ଔଷଧ ଓ ସାପ କାମୁଡ଼ା ପାଇଁ ପର୍ଯ୍ୟାପ୍ତ ଆଂଟି-ଭେନମ୍ ମହଜୁଦ ରଖିବା ସହ ହସ୍ପିଟାଲଗୁଡ଼ିକରେ କଣ୍ଟ୍ରୋଲ୍ ରୁମ୍ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ଶ୍ରୀ ଇସଲଓ୍ୱାର ନିର୍ଦ୍ଦେଶ ଦେଇଛନ୍ତି । ବାତ୍ୟା ମୁକାବିଲାରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ତ୍ୱରିତ ନିଷ୍ପତି ଓ ଠିକ୍ ସମୟରେ ସୂଚନା ପ୍ରସାରଣ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ସମ୍ଭାବ୍ୟ ବାତ୍ୟାର ମୁକାବିଲା ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରକାର ଆଗୁଆ ପ୍ରସ୍ତୁତି କରୁଥିବା ସେ କହିଛନ୍ତି ।

# ରାଣୀଗୋଡାରେ ବଗାଧରଙ୍କ ବାର୍ଷିକ ପୂଜା ଏବଂ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ



ଅନୁଗୋଳ,୨୮/୧୦(ନି/ପ୍ର): ତା୨୫.୧୦.୨୦୨୬ ରିଖ ସହର ଉପକଣ୍ଠ ରାଣୀଗୋଡା ଗ୍ରାମର ଆରାଧ୍ୟ ଦେବତା ବଗାଧରଙ୍କ ବାର୍ଷିକ ପୂଜା କୁମାର ପୂର୍ଣ୍ଣିମା ଉତ୍ସ୍ଛବ ଆଜି ଠାରୁ ତିନି ଦିନ ପର୍ଯ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ବଡ଼ ଆଡ଼ମ୍ବର ସହିତ ପାଳିତ ହେଉଛି । ସେହି ଅବସରରେ ଆଜି ପୂର୍ବାହ୍ନ ୧୦ ଘଟାଂ ୩୦ ମିନିଟ୍ ସମୟରେ ଠାକୁରଙ୍କ ଦିଅଁ ଘରେ ପୂଜାର୍ଚ୍ଚନା କରାଯାଇ ଠାକୁରଙ୍କ ବିଜେ ପ୍ରତିମା ଆଲମକୁ ଏକ ଭବ୍ୟ ଶୋଭାଯାତ୍ରାରେ ଖୋଳ, କରତାଳି, ଘଟଂ, ଘଟାଂ, ଢୋଲ, ମହୁରୀ, ନିଶାଣ, ଛତ୍ରୀ, ତ୍ରାସ, ଲଉଡିବାଡି ଏବଂ ସାଉଣ୍ଡ ବାଜାର ତାଳେ ତାଳେ ଓ ନୃତ୍ୟ ସୁଆଙ୍ଗ ଇତ୍ୟାଦିର ଏକ ବିରାଟ ଶୋଭାଯାତ୍ରାରେ ସମଗ୍ର ଗ୍ରାମ ପରିକ୍ରମା କରା ଯାଇଥିଲା । ଗାଁ ର ମହିଳା ମାନେ ନିଜ ଦୁଆରେ ଝୋଟି ଚିତା ପକାଇ ଦାଣ୍ଡ ଦୁଆରେ ଜାଗର ଜାଳି ଫୁଲ, ଦୁବ, ଅରୁଆ ଚାଉଳରେ ଠାକୁରଙ୍କୁ' ବନ୍ଦାପନାର ଦୃଶ୍ୟ ଏକ ଭାବମୟ ପରିବେଶ ସୃଷ୍ଟି କରିବା ସହିତ ହୁଳହୁଳି ଓ ହରିବୋଲ ଶବ୍ଦରେ ଗ୍ରାମ ପ୍ରକମ୍ପିତ ହୋଇଥିଲା । ଗ୍ରାମ ପରିକ୍ରମା ପରେ ଅପରାହ୍ନ ୪ ଘଟାଂ ୩୦ ମିନିଟ୍ ସମୟରେ ବିଜେ ପ୍ରତିମା ଆଲମ କୁ ପୂଜା ମଣ୍ଡପରେ ବିଜେ କରାଇ ପୂଜକ ଭାଗିରଥି ଦେହୁରୀ ଏବଂ ସହଯୋଗୀଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପ୍ରଥମେ ମାର୍ଜନା କର୍ମ କରା ଯାଇଥିଲା । ପ୍ରଥମ ପୂଜା ପରେ ଠାକୁରଙ୍କ' ଆଜ୍ଞାମାଳ ନେଇ କାଳେସୀ କୁ ଡାକିବାକୁ ଯାଇଥିଲେ । ସେଠାରେ ଅନ୍ୟ ଜଣେ ପୂଜକ ଘଟଂ ଘଟାଂ ଢୋଲ ବାଦ୍ୟର ନାଦରେ ଷୋଡ଼ଶ ଉପଚାରରେ ପୂଜା କରି ଠାକୁରଙ୍କୁ କାଳେସୀ ଦେହରେ ଆବିର୍ଭୁତା କରାଇଥିଲେ । ଠାକୁରଙ୍କ ଆବିର୍ଭାବ ପରେ ସେହି ବାଦ୍ୟର ତାଳେ ତାଳେ ପୂଜା ମଣ୍ଡପକୁ ଆଣିଥିଲେ । ଉପସ୍ଥିତି ସମସ୍ତ ଅଧିଆ ଏବଂ ଶ୍ରଦ୍ଧାଳୁଙ୍କ ଉପରେ ଠାକୁରଙ୍କ ଆଶିର୍ବାଦ ସିଂଚନ କରା ଯାଇଥିଲା । ମନ୍ଦିର ପରିସର ସହ ଘଟାଂ ଘଟାଂ ହରିବୋଲ ହୁଳହୁଳି ଶବ୍ଦରେ ପୁରା ଗାଁ ଟି ସାରା ପ୍ରକମ୍ପିତ ହେବା ସହ ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳା ଏବଂ ତୋରଣ ଗୁଡ଼ିକ ଗାଁ' ଟିକୁ ଚଳଚଂଚଳ କରି ଦେଇଥିଲା । ବିଳମ୍ବିତ ରାତ୍ରିସମୟରେ ବିଧି ଅନୁଯାଇ ଷୋଡ଼ଶ ଉପଚାରରେ ଠାକୁରଙ୍କ ବଡ ପୂଜା ସମ୍ପନ୍ନ କରା ଯାଇଥିଲା । ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ ସହ ଭୋଗ ଲଗାଇ ଠାକୁରଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ ।ଶତାଧିକ ମାନସିକ ଧାରୀ ଶିଶୁ ମାନଙ୍କର ମୁଣ୍ଡନ ପରେ ଠାକୁରଙ୍କ' ଦର୍ଶନ ଲାଭ କରିଥିଲେ । ଅନେକ ମହିଳା କୃପା ଭିକ୍ଷା ପାଇଁ ଅଧିଆ ପଡିଥିବାର ଦେଖା ଯାଇଥିଲା ।ମନ୍ଦିର ପରିସର ତଥା ଗ୍ରାମରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଗ୍ରାମର ସ୍ୱେଚ୍ଛାସେବୀ ଯୁବକ ମାନେ ପୋଲିସର ସହାୟତା କରିଥିଲେ । ମନଷ୍ଟର କ୍ଲବ ତରଫରୁ ଆୟୋଜିତ କନିଷ୍ଠ ଓ ବରିଷ୍ଠ ବର୍ଗର ନୃତ୍ୟ ପ୍ରତିଯୋଗିତା କରା ଯାଇଥିଲା । ବିଜେତା ମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରା ଯାଇଥିଲା । ତିନି ଦିନ ପର୍ଯ୍ୟନ୍ତ ରାତ୍ରିକାଳୀନ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରା ପରିବେଷଣ କରା ଯିବାର ସ୍ଥିର କରାଯାଇଛି । ରାତ୍ରୀ ସମୟରେ ୧୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଅନୁମାନ କରାଯାଉଛି । ଗ୍ରାମର ଯୁବଗୋଷ୍ଠୀ ଗ୍ରାମରେ ଭାଇଚାରା ସୃଷ୍ଟି କରିବା ସହ ଗାଁ' ର ଉନ୍ନତି କରିବା ପୂଜା କମିଟିର ଲକ୍ଷ୍ୟ ରହିଛି ବୋଲି ଗ୍ରାମବାସୀ କୁହନ୍ତି । ଏହି କାର୍ଯ୍ୟକ୍ରମକୁ ସଭାପତି କମଳ ଲୋଚନ ଦାସ ପରିଚାଳନା କରିଥିବା ବେଳେ ଗ୍ରାମବାସୀଙ୍କ ସହ କମିଟି ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

# କେନ୍ଦୁଝର କଳା ଉତ୍ସବ



କେନ୍ଦୁଝର,୨୮/୧୦ (ନି/ପ୍ର): କଳା, ସଂସ୍କୃତି ଓ ସାହିତ୍ୟର ମହାକୁମ୍ଭ ସପ୍ତଦଶ 'କେନ୍ଦୁଝର କଳା ଉତ୍ସବ-୨୦୨୬' ୨୪ ଓ ୨୫ ତାରିଖ ଦୁଇଦିନ ଧରି ପିଏମଶ୍ରୀ ଟିଏନ୍ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । 'ସାଂସ୍କୃତିକ' ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଦିନରେ ଚିତ୍ରାଙ୍କନ, ଓଡ଼ିଶୀ ନୃତ୍ୟ, ଝୋଟି ପ୍ରତିଯୋଗିତା, ସଙ୍ଗୀତ ଆସର ଓ ବିଭିନ୍ନ କର୍ମଶାଳା ଆୟୋଜିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ । ଉଦ୍ ?ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି, ଅବସରପ୍ରାପ୍ତ ଓଏଏସ୍ ଅଧିକାରୀ ଅଜୟ କୁମାର ନାୟକ, ସୂର୍ଯ୍ୟମାଧବ ପାଣିଗ୍ରାହୀ, ପ୍ରବୀର କୁମାର ଦେଓ, ସମାଜସେବୀ ଡ. ରୀନା ରାଉତରାୟ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ତରୁଣ କୁମାର ଓଝା ଓ ଅବସରପ୍ରାପ୍ତ ଅଧ୍ୟାପିକା ଡ. ମିନତି ମଲ୍ଲିକ ଯୋଗ ଦେଇଥିଲେ । ଉଦଯାପନି ଦିବସରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ହସ୍ତକଳା କର୍ମଶାଳା ଏବଂ ବୁଦ୍ଧିଜୀବୀଙ୍କୁ ନେଇ 'ସଂସ୍କୃତି ଓ ଐତିହ୍ୟ' ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଉଦ୍ଯାପନ ଉତ୍ସବରେ ଡ଼ିଏଫଓ ଧନରାଜ ଏଚଡି, ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଡ. ସଞ୍ଜୟ କୁମାର ପାତ୍ର, ଅବସରପ୍ରାପ୍ତ ଅଧିକାରୀ ଡ. ଅଜୟ କୁମାର ନାୟକ, 'ସାଂସ୍କୃତିକୀ ର ରିନା ରାଉତରାୟ, ସୂର୍ଯ୍ୟମାଧବ ପାଣିଗ୍ରାହୀ, ଡ. ତରୁଣ କୁମାର ଓଝା, 'ସାଂସ୍କୃତିକୀ 'ର ସମ୍ପାଦକ ଶ୍ୟାମହରି ଚକ୍ର ପ୍ରମୁଖ ଯୋଗଦେଇ କେନ୍ଦୁଝରର ସମୃଦ୍ଧ କଳା ଓ ପରମ୍ପରା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ସ୍ୱର୍ଗତ ଡ. ବଇଲୋଚନ ସୁତାର, ଡ. କଳ୍ପନା ମହାନ୍ତି, ମିଳନ କୁମାର ମିଶ୍ର, ଛଉ ନୃତ୍ୟ ପାଇଁ ପଦ୍ମଲୋଚନ ନାଏକ, ଚିତ୍ରକଳାରେ ଗୋଲକ ବିହାରୀ ସେଠୀ, ପ୍ରମୋଦ ବରାଳ, ସୁଗ୍ରୀବ କୁଅଁର , ବୀର କିଶୋର ପାତ୍ର, ଝୋଟ ହସ୍ତକଳା ପାଇଁ ଅନନ୍ତ ଚରଣ ଗିରି, ଟେରାକୋଟା' ପାଇଁ କପିଳ ଚନ୍ଦ୍ର ରଣା , ନୃତ୍ୟରେ କଳ୍ପତରୁ ଆଚାର୍ଯ୍ୟ, ସଙ୍ଗୀତ ପାଇଁ ରାଜେନ୍ଦ୍ର ବେହେରା ଓ ସୁନୀତା ପଟନାଏକ , ପେପର୍ ମାଟିରେ ଅରୁଣ କୁମାର ଓଝା, ସୁନୀତା ସାହୁ ଏବଂ ଫଟୋଗ୍ରାଫି ପାଇଁ ମାନସିଂହ ଦୁର୍ଗାପ୍ରସାଦ ନାଏକ ଓ କେନ୍ଦୁଝର ଲେଖିକା ସଂସଦକୁ ସମ୍ମାନିତ କରାଯାଇଥିଲା । ସେହିପରି ଯୁବବର୍ଗରେ ସାହିତ୍ୟ ପାଇଁ ବାଣୀପାଣି ପ୍ରଧାନ, ଡ. ପ୍ରତିସୀମା ସ୍ୱାଇଁ, ଚିତ୍ରକଳାରେ ସୁଶ୍ରୀ ସୁମନ ପତି, ନୃତ୍ୟକଳାରେ ଶୁଭଶ୍ରୀ ପଟ୍ଟନାୟକ , ଫଟୋଗ୍ରାଫିରେ ସୁଦର୍ଶନ ସ୍ୱାଇଁଙ୍କୁ 'କେନ୍ଦୁଝର କଳା ଉତ୍ସବ' ସମ୍ମାନ ପ୍ରଦାନ କରାଯାଇଥିଲା । ଉଦ୍ଯାପନୀ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଆସର ସମେତ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅମରେନ୍ଦ୍ର ମାହାରଣା ଧନ୍ୟବାଦ ଦେଇଥିଲେ ।

# କେନ୍ଦୁଝରରେ ବାଇକ୍ ଚୋରି ରାକେଟ୍ ଠାବ, ୧୧ଟି ଚୋରା ବାଇକ୍ ଜବତ

## ୨ ଅଭିଯୁକ୍ତ ଗିରଫ , ବିଭିନ୍ନ ଥାନାରେ ରହିଛି ୮ରୁ ଅଧିକ ମାମଲା




କେନ୍ଦୁଝର,୨୮/୧୦ (ନି/ପ୍ର): କେନ୍ଦୁଝରରେ ବାଇକ୍ ଚୋରି ରାକେଟ୍ର ପର୍ଦ୍ଦାଫାସ୍ କରିଛି ପୋଲିସ । ବିଭିନ୍ନ ହସ୍ପିଟାଲ ଓ ଡାକ୍ତରଖାନା ପରିସରରୁ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗ୍ର ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କଠାରୁ ୧୧ଟି ବାଇକ୍ ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ରୋହିତ କାରୁଆ ଓ ଗୌତମ କାରୁଆ । ତଦନ୍ତରୁ ଏହି ଗ୍ୟାଙ୍ଗ୍ର ଚୋରି କରିବାର ତରିକା ସାମ୍ନାକୁ ଆସିଛି । କେନ୍ଦୁଝର ଟାଉନ୍ ଥାନା ଅଂଚଳରେ ଗତ କିଛିଦିନ ଧରି ବାରମ୍ବାର ବାଇକ୍ ଚୋରି ହେଉଥିବା ଅଭିଯୋଗ ଆସୁଥିଲା । ଏହାରି ମଧ୍ୟରେ ଅକ୍ଟୋବର ୮ ତାରିଖରେ ଧରଣୀଧର ମେଡିକାଲ କଲେଜ ପରିସରରୁ ଗୋଟିଏ ବାଇକ୍ ଚୋରି ଘଟଣାକୁ ନେଇ ଟାଉନ୍ ଥାନାରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ତଦନ୍ତ କରିବା ସମୟରେ ପୋଲିସ ଏକ ବାଇକ୍ ଚୋରି ଗ୍ୟାଙ୍ଗ୍ର ସମ୍ପୃକ୍ତି ସମ୍ପର୍କରେ ଜାଣିବାକୁ ପାଇଥିଲା । ତଦନ୍ତ ଅନୁସାରେ, ଗତ ତିନି ମାସ ଧରି ଏହି ଗ୍ୟାଙ୍ଗ୍ ଧରଣୀଧର ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ବିଭିନ୍ନ ସିଏଚ୍ସି ଓ ପିଏଚ୍ସି ପରିସରରୁ ବାଇକ୍ ଚୋରି କରୁଥିବା ସୂଚନା ମିଳିଛି । ହସ୍ପିଟାଲକୁ ରୋଗୀଙ୍କୁ ନେଇ ଆସୁଥିବା ଲୋକମାନେ ଚିକିତ୍ସା କାର୍ଯ୍ୟରେ ବ୍ୟସ୍ତ ରହୁଥିବାର ସୁଯୋଗ ନେଇ ଅଭିଯୁକ୍ତମାନେ ବାଇକ୍ ଚୋରି କରୁଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି । ଏହି ଘଟଣାରେ ପୋଲିସ ୧୧ଟି ବାଇକ୍ ଜବତ କରିବା ସହ ରୋହିତ କାରୁଆ ଓ ଗୌତମ କାରୁଆଙ୍କୁ ଗିରଫ କରିଛି । ଉଭୟଙ୍କ ଘର ସଦର ଥାନା ଓ ରୁଗୁଡ଼ି ଥାନା ଅଂଚଳରେ ବୋଲି ଜଣାପଡ଼ିଛି । ଏହାସହ ଅଭିଯୁକ୍ତମାନଙ୍କ ନାଁରେ ବିଭିନ୍ନ ଥାନାରେ ୮ରୁ ଅଧିକ ମାମଲା ଥିବା ସୂଚନା ମିଳିଛି । ଗିରଫ ପରେ ଉଭୟଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି ।

# ଚମ୍ପୁଆରେ ଜମୁଛି ମା ଗଜଲକ୍ଷ୍ମୀଙ୍କ ପୂଜା :

## ଭକ୍ତିମୟ ପରିବେଶ ସହ ଆକର୍ଷଣୀୟ ତୋରଣ ସାଜସଜ୍ଜା

ଚମ୍ପୁଆ,୨୮/୧୦ (ନି/ପ୍ର):ଚମ୍ପୁଆ ଲକ୍ଷ୍ମୀ ପୂଜା କମିଟି ଆନୁକୁଲ୍ୟରେ ସ୍ଥାନୀୟ ଶିବ ଜାଗର ପଡ଼ିଆଠାରେ ଆୟୋଜିତ ମା' ଗଜଲକ୍ଷ୍ମୀଙ୍କ ପୂଜା ଏକ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବେଶ୍ ଜମିବାରେ ଲାଗିଛି । ଏହି ପାର୍ବଣ ଋତୁରେ ଚମ୍ପୁଆ ବଜାର ଅଧିକ ଚଳଚଂଚଳ ହୋଇଉଠିଥିବା ବେଳେ ପ୍ରତିଦିନ ପୂଜା ମଣ୍ଡପରେ ମାତୃପ୍ରେମୀଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି । ମା' ଲକ୍ଷ୍ମୀଙ୍କ ମନୋରମ ମୃଣ୍ମୟୀ ମୂର୍ତ୍ତି, ସୁଉଚ୍ଚ ତୋରଣ, ରଙ୍ଗାରଙ୍ଗ ଆଲୋକମାଳାର ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ପ୍ରତିଦିନ ଆୟୋଜିତ ପ୍ରସାଦ ସେବନ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କୁ ବିଶେଷ ଭାବେ ଆକୃଷ୍ଟ କରୁଛି । ଏହି ଅବସରରେ ଶତାଧିକ ମାତୃପ୍ରେମୀ ଓ ମହିଳା ପବିତ୍ର ବୈତରଣୀ ନଦୀଘାଟକୁ ଯାଇ ସେଠାରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ । ଏହାପରେ ପବିତ୍ର ଜଳପୂର୍ଣ୍ଣ କଳସକୁ ମୁଣ୍ଡରେ ଧାରଣ କରି ଏକ ଭବ୍ୟ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ପ୍ରତ୍ୟାବର୍ତ୍ତନ କରିଥିଲେ । କଳସ ସ୍ଥାପନ ପରେ ମଣ୍ଡପରେ ରୀତିନୀତି ଅନୁଯାୟୀ ମା' ଗଜଲକ୍ଷ୍ମୀଙ୍କ ପୂଜାପାଠ ଆରମ୍ଭ ହୋଇଥିଲା । ଏହି ବାର୍ଷିକ ପୂଜାରେ ସୋମନାଥ ସାହୁ କର୍ତ୍ତା ଭାବେ ସଂକଳ୍ପ କରିଥିବା ବେଳେ ମୁଖ୍ୟ ପୁରୋହିତ ପଣ୍ଡିତ ଜୟହରି ମିଶ୍ର ଓ ରମେଶ ଦାଶ ପ୍ରମୁଖ ବୈଦିକ ରୀତିନୀତି ଏବଂ ମନ୍ତ୍ରପାଠ ସହ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ବ୍ରାହ୍ମଣଙ୍କ ଉଚ୍ଚାରିତ ପବିତ୍ର ମନ୍ତ୍ରଧ୍ୱନି ପୂରା ଅଂଚଳରେ ଏକ ଧାର୍ମିକ ଉତ୍ସାହ ଓ ଭକ୍ତିମୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି, ଯାହା ଶ୍ରଦ୍ଧାଳୁଙ୍କୁ ବିଭୋର କରି ରଖିଛି ।

# କେନ୍ଦ୍ରାଂଚଳ ଆଇଜି ସତ୍ୟଜିତ ନାୟକଙ୍କ କେନ୍ଦ୍ରାପଡ଼ା ଗସ୍ତ ଓ ସମୀକ୍ଷା

କେନ୍ଦ୍ରାପଡ଼ା,୨୮/୧୦(ନି/ପ୍ର):କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା କୁମାର ପୂର୍ଣ୍ଣିମା ତିଥି ଠାରୁ ମହା ସମାରୋହ ରେ ବିଭିନ୍ନ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଆଜି ଦ୍ୱିତୀୟ ଦିନରେ କେନ୍ଦ୍ରାଂଚଳ ଆଇଜି ସତ୍ୟଜିତ ନାୟକ କେନ୍ଦ୍ରାପଡା ଗସ୍ତ କରିବା ସହ ପୋଲିସ ପ୍ରଶାସନର କାର୍ଯ୍ୟଧାରା ସଂପର୍କରେ ଅବଗତ ହୋଇ ସମୀକ୍ଷା କରିଥିଲେ । ଶ୍ରୀ ନାୟକ ଆଜି ସଂନ୍ଧ୍ୟା ସମୟରେ କେନ୍ଦ୍ରାପଡା ପୁରୁଣା ବସଷ୍ଟାଣ୍ଡ ଠାରେ ପହଁଚି ପୋଲିସ ପ୍ରଶାସନ ପକ୍ଷରୁ ଖୋଲା ଯାଇଥିବା ମୁଖ୍ୟ କଂଟ୍ରୋଲ ରୁମ ଓ ଟାଉନ ଫାଣ୍ଡି ପରିଦର୍ଶନ କରିଥିଲେ । ଏହି ଅବସର ରେ ଏସପି ସିଦ୍ଧାର୍ଥ କାଟରିଆ, ଏସଡିପିଓ ଜ୍ୟୋତି ରଂଜନ ଗୌଡ, ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ସାଇବର ଥାନା ଅଧିକାରୀ ଦିଲିପ କୁମାର ସାହୁ ସମେତ ଅତିରିକ୍ତ ଏସପି, ଡିଏସପି ଓ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ବିବିଧା



## ଖଦି ଶାଢୀ ପିନ୍ଧିଲେ କଙ୍ଗନା

ଖଦି ଶାଢ଼ୀ ପିନ୍ଧିବାକୁ କାହାକୁ ବା ଭଲ ନଲାଗେ। ଆଜିକାଲି ଏହା ଏକ ଫ୍ୟାସନ ବି ହୋଇଗଲାଣି। କେବଳ ସେତିକି ନୁହେଁ, ଖଦି ଶାଢୀ, ଭାରତ ଇତିହାସ ସହ କାହିଁ କେଉଁ କାଳରୁ ଜଡିତ। ଦେଖିବାକୁ ଏହା ବହୁତ ସୁନ୍ଦର କିନ୍ତୁ ତାର ମୁଲ୍ୟ ବହୁତ କମ । ଦେଶ ଛାଡ ଏବେ ବିଦେଶରେ ବି ବହୁ ମାତ୍ରରେ ବିକ୍ରି ହେଉଛି ଆମ ସ୍ୱଦେଶ ନିର୍ମିତ ଖଦି ଶାଢୀ । ସାଧାରଣତଃ ଆମ ମାନଙ୍କ ମନରେ ଏକ ଭୁଲ ଧାରଣା ରହିଯାଇଛି ଯେ, ବଡ ବଡ ନେତା ମନ୍ତ୍ରୀ ହୁଅନ୍ତୁ କି ଅଭିନେତ୍ରୀ ସେମାନେ ବହୁ ମୁଲ୍ୟର ବିଦେଶୀ ଶାଢୀ ପିନ୍ଧୁଥିବେ । କିନ୍ତୁ ସେସବୁକୁ ଭୁଲ ପ୍ରମାଣିତ କରି ଏବେ ୧୫୦୦ ଟଙ୍କାର ଖଦି ଶାଢୀ କିଣି ଚର୍ଚ୍ଚାରେ ବିଜେପି ସାଂସଦ ତଥା ଅଭିନେତ୍ରୀ କଙ୍ଗନା ରନାଓ୍ୱତ । କଥାଟା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ବଲିଉଡର ଅନେକ ସେଲିବ୍ରେଟି ଖଦି ଶାଢ଼ୀ ପିନ୍ଧିଥିବା ଆପଣ ଦେଖିଥିବେ। ଏମିତିରେ ବି କଙ୍ଗନାଙ୍କୁ ଅନେକ ସମୟରେ ଭିନ୍ନ ଭିନ୍ନ ଷ୍ଟାଇଲିସର ଶାଢ଼ୀ ପିନ୍ଧିଥିବା ଦେଖିବାକୁ ମିଳେ। ମୁମ୍ବାଇରେ ଏକ ପ୍ରମୁଖ ଫ୍ୟାଶନ୍ ଇଭେଣ୍ଟରେ ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାନାଓ୍ୱତ ରାମ୍ପରେ ଚାଲି ଉପସ୍ଥିତ ଦର୍ଶକ ଏବଂ ଫ୍ୟାଶନ୍ ପ୍ରେମୀଙ୍କୁ ମୋହିତ କରିଥିଲେ। ବହୁତ ଦିନ ପରେ ରାମ୍ପରେ ଯାଇ କଙ୍ଗନା କାର୍ଯ୍ୟକ୍ରମକୁ ଅତି ସ୍ୱତନ୍ତ୍ର କରିଥିଲେ। ଏଥିସହ ସେ ଏକ ଆତ୍ମନିର୍ଭରଶୀଳ ଭାରତକୁ ପ୍ରୋତ୍ସାହିତ କରିବାକୁ ଯୁବପିଢ଼ିଙ୍କୁ ମଧ୍ୟ ନିବେଦନ କରିଥିଲେ।କଙ୍ଗନା ଯୁବପିଢ଼ି ଏବଂ ତାଙ୍କ ବନ୍ଧୁମାନଙ୍କୁ ଏକ ଆତ୍ମନିର୍ଭରଶୀଳ ଭାରତ ଗଠନ ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ସେ କହିଥିଲେ, "ଆମକୁ ଆମର ସଂସ୍କୃତି ଏବଂ ସ୍ଥାନୀୟ ଲୋକଙ୍କୁ ପ୍ରୋତ୍ସାହିତ କରିବା ଉଚିତ। ଖଦି ଏବଂ ଘରୋଇ ଉତ୍ପାଦଗୁଡ଼ିକୁ ଗ୍ରହଣ କରନ୍ତୁ। ମୁଁ ଆପଣଙ୍କୁ ଘରୋଇ ଶିଳ୍ପକୁ ଉତ୍ସାହିତ କରିବାକୁ ଅନୁରୋଧ କରୁଛି।" କଙ୍ଗନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶୈଳୀକୁ ମଧ୍ୟ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, "ଆମର ପ୍ରଧାନମନ୍ତ୍ରୀ କେବଳ ରାଜନୈତିକ ଦୃଷ୍ଟିରୁ ସଚେତନ ନୁହଁନ୍ତି ବରଂ ସାମାଜିକ ଦୃଷ୍ଟିରୁ ମଧ୍ୟ ସଚେତନ। ସେ ଭାରତୀୟ ଶିଳ୍ପ, ଲୋକ ଏବଂ ଏକ ଆତ୍ମନିର୍ଭରଶୀଳ ଭାରତ ବିଷୟରେ ଚିନ୍ତା କରନ୍ତି।''

## ଚର୍ବି କମାଇବ ଛଚିନ୍ଦ୍ରା



*ପ୍ରତିଟି ପରିବାରେ କିଛି ନା କିଛି ଔଷଧୀୟ ଗୁଣ ଗଚ୍ଛିତ ହୋଇ ରହିଥାଏ । ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ । ଏମିତି ହିଁ ଗୋଟିଏ ପରିବା ହେଉଛି ଛଚିନ୍ଦ୍ରା । ଯଦି ଆପଣଙ୍କ ଶରୀରରେ ୟୁରିକ୍ ଏସିଡ୍ ସ୍ତର ବୃଦ୍ଧି ପାଉଛି ତେବେ ଖାଦ୍ୟରେ କିଛିଟା ପରିବର୍ତ୍ତନ କରନ୍ତୁ । ଏହାର ସୁଫଳ ଆପଣ ନିଶ୍ଚିତ ଭାବରେ ପାଇପାରିବେ । ଖାସ୍ କରି ଖାଦ୍ୟରେ ପରିବା ସାମିଲ କରିବାକୁ ଡାକ୍ତର ମଧ୍ୟ ପରାମର୍ଶ କରିଥା'ନ୍ତି । ପ୍ରତିଟି ପରିବାରେ କିଛି ନା କିଛି ଔଷଧୀୟ ଗୁଣ ଗଚ୍ଛିତ ହୋଇ ରହିଥାଏ । ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ ....*

■ ଫାଇବରରେ ଭରପୂର ଛଚିନ୍ଦ୍ରା ଏକ ପାଣିଯୁକ୍ତ ପରିବା ହୋଇଥିବାରୁ ବୃଦ୍ଧି ହୋଇଥିବା ପ୍ୟୁରିନ୍ ସ୍ତରକୁ ହ୍ରାସ କରିବାରେ ଏହା ସାହାଯ୍ୟ କରେ । ବଢୁଥିବା ପ୍ୟୁରିନ୍ ସ୍ତର ହାଡ଼ରେ ପଥର ଗଠନ କରି ଗଣ୍ଠିବାତ ସୃଷ୍ଟି କରିପାରେ । ଏପରି ପରିସ୍ଥିତିରେ ପାଣି ଏବଂ ଫାଇବରରେ ଭରପୂର ଛଚିନ୍ଦ୍ରା ଉଚ୍ଚ ୟୁରିକ୍ ଏସିଡ୍ ସ୍ତରକୁ ହ୍ରାସ କରିବାରେ ଏବଂ ଏହି ସମସ୍ୟାକୁ ରୋକିବାରେ ସାହାଯ୍ୟ କରିପାରେ ।

■ କେବଳ ୟୁରିକ୍ ଏସିଡ୍ ସ୍ତରକୁ କମାଇବାରେ ନୁହେଁ ଛଚିନ୍ଦ୍ରା କୋଷ୍ଠକାଠିନ୍ୟ ପାଇଁ ମଧ୍ୟ ରାମବାଣ ଭଳି କାମ କରେ। ଏହି ପରିବା ଫାଇବର ମେଟାବୋଲିଜିମକୁ ତ୍ୱରାନ୍ୱିତ କରେ ଏବଂ ପାଚନ ଓ ଅନ୍ତନଳୀ କାର୍ଯ୍ୟକୁ ଉନ୍ନତ କରିବାରେ ସାହାଯ୍ୟ କରେ । ଛଚିନ୍ଦ୍ରା ଖାଇବା ଦ୍ୱାରା ମଳତ୍ୟାଗ ପ୍ରକ୍ରିୟା ସହଜ ହୋଇଥାଏ ଏବଂ କୋଷ୍ଠକାଠିନ୍ୟରୁ ମୁକ୍ତି ମିଳିଥାଏ ।

■ ଫ୍ୟାଟି ଲିଭର ସମସ୍ୟା ପାଇଁ ଛଚିନ୍ଦ୍ରା ଏକ ଉତ୍ତମ ଖାଦ୍ୟ । ପ୍ରକୃତରେ, ଏହା ଦୁଇଟି ଉପାୟରେ କାମ କରେ । ପ୍ରଥମତଃ, ଏହା ଆପଣଙ୍କ ଲିଭରରେ ଚର୍ବିର ପରିମାଣ ହ୍ରାସ କରେ ଏବଂ ଦ୍ୱିତୀୟରେ ଏହା ଆପଣଙ୍କ ଶରୀରରେ ବିଷାକ୍ତ ପଦାର୍ଥର ପରିମାଣ ହ୍ରାସ କରେ । ସେହିପରି, ଏହା ଲିଭର କ୍ଲିନର୍ ଭାବରେ ମଧ୍ୟ କାମ କରେ ଏବଂ ଆପଣଙ୍କୁ ଫ୍ୟାଟି ଲିଭର ଭଳି ଅନେକ ଲିଭର ସମ୍ବନ୍ଧୀୟ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ । ତେଣୁ ଆପଣ ଯଦି ଛଚିନ୍ଦ୍ରା ଖାଇବାକୁ ପସନ୍ଦ କରୁନାହାନ୍ତି ତେବେ ଆଜି ହିଁ ନିଜ ସ୍ୱାସ୍ଥ୍ୟ ପାଇଁ ଏହି ପରିବା ଖାଇବା ଆରମ୍ଭ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।



## ଫିଟ୍‌ନେସ୍‌ର ମନ୍ତ୍ର ଦେଲେ ଅଲ୍ଲୁ

'ପୁଷ୍ପା' ଫେମ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ କେବଳ ତାଙ୍କର ଅଭିନୟ ପାଇଁ ନୁହେଁ, ବରଂ ତାଙ୍କର ଫିଟନେସ୍ ଏବଂ ଶାରୀରିକ ଗଠନ ପାଇଁ ମଧ୍ୟ ଜଣାଶୁଣା। ତାଙ୍କର ଷ୍ଟାଇଲ୍, ଉତ୍ସାହ ଏବଂ ଫିଟନେସ୍ ପ୍ରଶଂସକମାନଙ୍କୁ ପାଗଳ କରିଦିଏ। ଏହା ହିଁ କାରଣ ଯେ ଅଲ୍ଲୁ ଅର୍ଜୁନଙ୍କ ଏକ ଝଲକ ଦେଖିବା ପାଇଁ ଶହ ଶହ ପ୍ରଶଂସକଙ୍କ ଭିଡ଼ ଜମା ହୋଇଯାଏ। କିନ୍ତୁ ଆପଣ ଜାଣନ୍ତି କି ତାଙ୍କର ଏହି ଅସାଧାରଣ ଶାରୀରିକ ଗଠନ ପଛରେ ରହିଛି ତାଙ୍କର କଠୋର ଡାଏଟ୍ ଏବଂ ନିୟମିତ ବ୍ୟାୟାମ ? ଆସନ୍ତୁ ଜାଣିବା ତାଙ୍କର ଡାଏଟ୍ ପ୍ଲାନ୍ ବିଷୟରେ। ଅଲ୍ଲୁ ଅର୍ଜୁନଙ୍କର ଜଳଖିଆ ବହୁତ ସରଳ ଓ ସାଧାସିଧା ହେଲେ। ସେ ସକାଳେ ଅଣ୍ଡା ଖାଆନ୍ତି, ଯାହା ତାଙ୍କୁ ପୂରା ଦିନ ପାଇଁ ଶକ୍ତି ଯୋଗାଇଥାଏ। ଏକ ସାକ୍ଷାତକାରରେ ସେ କହିଥିଲେ ଯେ ଜଳଖିଆ ତାଙ୍କ ମନକୁ ସତେଜ ରଖିବା ଏବଂ ଶରୀରକୁ ସକ୍ରିୟ କରିବାରେ ସାହାଯ୍ୟ କରେ। ଏହା ମଧ୍ୟ ନିର୍ଭର କରେ ଯେ ପୂର୍ବ ରାତିରେ ରାତ୍ରିଭୋଜନରେ ସେ କ'ଣ ଖାଇଥିଲେ। ମଧ୍ୟାହ୍ନ ଭୋଜନ ସମୟରେ ଅଲ୍ଲୁ ଅର୍ଜୁନଙ୍କ ଧ୍ୟାନ ପ୍ରୋଟିନ୍ ଏବଂ ପୁଷ୍ଟିକର ଖାଦ୍ୟ ଉପରେ ରହିଥାଏ। ସେ ଗ୍ରିଲ୍‌ଡ୍ ଚିକେନ୍ ଖାଆନ୍ତି, ଯାହା ତାଙ୍କୁ ଲିନ୍ ପ୍ରୋଟିନ୍ ଯୋଗାଇଥାଏ ଏବଂ ମେଟାବୋଲିଜମକୁ ବୃଦ୍ଧି କରିଥାଏ।

ଏହା ସହିତ ସେ ସବୁଜ ପନିପରିବା ମଧ୍ୟ ଖାଆନ୍ତି, ଯାହା ଆଣ୍ଟିଅକ୍ସିଡାଣ୍ଟ ଏବଂ ଫାଇବରରେ ଭରପୂର। ଏହା ତାଙ୍କର ପାଚନତନ୍ତ୍ରକୁ ମଜବୁତ ରଖେ ଏବଂ ଚର୍ମକୁ ଉଜ୍ଜ୍ୱଳ କରେ। ରାତ୍ରିଭୋଜନ ସମୟରେ ଏହି ଅଭିନେତା ହାଲୁକା କିନ୍ତୁ ସ୍ୱାସ୍ଥ୍ୟକର ଖାଦ୍ୟ ପସନ୍ଦ କରନ୍ତି। ଏଥିରେ ସବୁଜ ବିନ୍ସ, ମକା, ବ୍ରାଉନ୍ ରାଇସ୍ ଏବଂ ସାଲାଡ୍ ସାମିଲ ହୋଇଥାଏ। ଏହା ସହିତ, ବ୍ୟାୟାମ ପରେ ସେ ସ୍ୱାସ୍ଥ୍ୟକର ପାନୀୟ କିମ୍ବା ଶେକ୍ ପିଇବାକୁ ଭୁଲନ୍ତି ନାହିଁ। ଅଲ୍ଲୁ ଅର୍ଜୁନଙ୍କ ତାଙ୍କ ଫିଲ୍ମର ଚରିତ୍ର ଅନୁଯାୟୀ ଡାଏଟ୍ ଏବଂ ଶାରୀରିକ ଗଠନ ଉପରେ କାମ କରନ୍ତି। ସେ ନିଜେ କହିଥିଲେ ଯେ 'ପୁଷ୍ପା ୧' ଏକ ପାରିବାରିକ ମନୋରଞ୍ଜନ ଫିଲ୍ମ ଥିଲା, ତେଣୁ ସେ ଅଧିକ ମାଂସପେଶୀ ଗଠନ ଉପରେ ଧ୍ୟାନ ଦେଇନଥିଲେ। କିନ୍ତୁ 'ପୁଷ୍ପା ୨'ରେ ଅନେକ ଆକ୍ସନ୍ ଦୃଶ୍ୟ ଥିବାରୁ ସେ ନିୟମିତ ବ୍ୟାୟାମ କରି ନିଜ ଶରୀରକୁ ଆହୁରି ଫିଟ୍ କରିଥିଲେ।



## 'କୁରୁକ୍ଷେତ୍ର' ପାଇଁ ଦୁର୍ଗାପ୍ରସାଦ ପୁରସ୍କୃତ




ବିଶିଷ୍ଟ ଆନିମେସନ ଓ ଶିଶୁ ମନରଞ୍ଜନ ଧାରାବାହିକ ପ୍ରସ୍ତୁତକାରୀ ଅନୁ ସିକ୍କାଙ୍କ ପରିକଳ୍ପନାରେ ପ୍ରସ୍ତୁତ ହୋଇଛି ମହାଭାରତର ଆନିମେଟେଡ୍ ରୂପ। ନାମ ରଖା ଯାଇଛି କୁରୁକ୍ଷେତ୍ର। ୨ ଗୋଟି ଭାଗ ତଥା ୧୮ଟି ଅଧ୍ୟାୟରେ ନିର୍ମିତ ହେଉଥିବା ଏହି ୱେବ୍ ସିରିଜର ପ୍ରଥମ ଭାଗଟି ଆଜି ନେଟଫ୍ଲିକ୍ସରେ ଇଂରାଜୀ, ହିନ୍ଦୀ, ତାମିଲ, ତେଲୁଗୁ, କନ୍ନଡ଼, ମାଲୟାଲମ, ସ୍ପାନିସ, ପର୍ତ୍ତୁଗୀଜ, ଥାଇ ଓ ଇଣ୍ଡୋନେସିୟାନ ସମେତ ୧୦ଟି ଭାଷାରେ ରିଲିଜ ହେଉଛି। ଟିପିଙ୍ଗ ପଏଣ୍ଟ ପ୍ରଯୋଜନା ସଂସ୍ଥା ଦ୍ୱାରା ପ୍ରଯୋଜିତ ଏବଂ ହାଇଟେକ ଆନିମେସନ ଷ୍ଟୁଡିଓ ଦ୍ୱାରା ନିର୍ମିତ ଏହି ୱେବ୍ ସିରିଜ କୁ ଅନୁ ସିକ୍କା, ଆଲୋକ ଜୈନ ଏବଂ ଅଜିତ ଅନ୍ଧାରେ ମିଳିତ ଭାବରେ ପ୍ରସ୍ତୁତ କରୁଥିବା ବେଳେ, ଖ୍ୟାତନାମା ବଙ୍ଗଳା ସିନେ ଜଗତର ଫିଲ୍ମ ନିର୍ମାତା କୌଶିକ ଗାଙ୍ଗୁଲି ଓ ଅଭିନେତ୍ରୀ ଚୁର୍ଣ୍ଣି ଗାଙ୍ଗୁଲିଙ୍କ ପୁତ୍ର ଉଜ୍ଜାନ ଗାଙ୍ଗୁଲି ନିର୍ଦ୍ଦେଶନା ଦେଇଛନ୍ତି। ଉଜ୍ଜାନଙ୍କ ସହଯୋଗୀ ଟିମରେ ରହିଛନ୍ତି କେନ୍ଦୁଝର ଜିଲ୍ଲାର ଘଟଗାଁ ଅଞ୍ଚଳର ଦୁର୍ଗାପ୍ରସାଦ ମଲ୍ଲିକ। ଧାରାବାହିକଟିକୁ ସଫଳ ଭାବରେ ସମ୍ପାଦିତ କରିବା ପାଇଁ ଓଡ଼ିଆ କାହାଣୀକାର ଦୁର୍ଗାପ୍ରସାଦଙ୍କ ସମେତ ୮ଜଣ ଯୁବ ଫିଲ୍ମ ଲେଖକ ଉଜ୍ଜାନଙ୍କ ଦଳରେ ଥିଲେ। କ୍ରିଏଟିଭ ମୁଖ୍ୟ ଅନୁପ ଗୁଲାଟି, ସମୀର ଯାଦବ ଓ ଗାୟତ୍ରୀ ଗୁଲାଟିଙ୍କ ତତ୍ତ୍ୱବଧାନ ରହି ଦୁର୍ଗାପ୍ରସାଦ ଧାରାବାହିକଟିରେ କାର୍ଯ୍ୟ କରିଛନ୍ତି। ଓସ୍କାର ବିଜେତା ଗୁଲଜାରଙ୍କ ଗୀତ ଓ ଉପସ୍ଥାପନା ଧାରାବାହିକଟିକୁ ଆକର୍ଷଣୀୟ କରିଛି, ଯାହା ଟ୍ରେଲର ଦେଖି ଜାଣି ହେଉଛି। କୁରୁକ୍ଷେତ୍ରର ବିଭିନ୍ନ ଚରିତ୍ର ପାଇଁ ସ୍ୱର ଦେଇଛନ୍ତି ବିନୋଦ ଶର୍ମା, ସାହିଲ ବୈଦ, ସୌମ୍ୟା ଦାନ, ଅନ୍ନାମୟା ବର୍ମା, ମନୋଜ ପାଣ୍ଡେ, ହିମାଂଶୁ ରାଣା, ନେହା ଗର୍ଗଭା, କୃତାର୍ଥ ତ୍ରିବେଦୀ, ନେଶମା ଚେମ୍ବୁକର ଏବଂ ପଓ୍ୱନ କାଲରା। ଚିତ୍ରତୋଳନର ଦାୟିତ୍ୱରେ ଅଛନ୍ତି ମଧୁରା ପାଟିଲ। ପୋଷାକ ରୂପସଜ୍ଜା କରିଛନ୍ତି ସୁଚିସ୍ମିତା ଦାସ ଗୁପ୍ତା। ସଂଳାପ ଲେଖିଛନ୍ତି ବିନୀତ ଗର୍ଗ। ସୀମାବ ସେନ ସଙ୍ଗୀତ ଦେଇଥିବା ବେଳେ ଗ୍ରାଫିକ୍ସ ନିର୍ଦ୍ଦେଶନା ଦେଇଛନ୍ତି ମନୋଜ ବୋଷ। ନିକଟରେ କୋଲକାତାରେ ତ୍ରିଧାରା ସମ୍ମିଳନୀ ଓ ବୈଷ୍ଣବ ସମାଜ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଦଶହରା ଉପଲକ୍ଷେ କୁରୁକ୍ଷେତ୍ରର ନିର୍ମାତା ମାନଙ୍କୁ ବିଶେଷ ଭାବରେ ସମ୍ବର୍ଦ୍ଧିତ କରିଥିଲା। ଉତ୍ସବରେ ପ୍ରଯୋଜିକା ଅନୁ ସିକ୍କା ଓ ନିର୍ଦ୍ଦେଶକ ଉଜ୍ଜାନ ଗାଙ୍ଗୁଲି, ଯୋଗେଶ କଓ୍ୱାଲେ, ହାଇଟେକ ଗ୍ରୁପର ସୁବ୍ରତ ରାୟ, ଆଶିଷ ଥାପର, ଟିପିଙ୍ଗ ପଏଣ୍ଟର ମୋହନ ବଙ୍ଗେରା, ଅଭିଷେକ ଦତ୍ତଙ୍କ ସମେତ ଓଡ଼ିଆ ପୁଅ ଦୁର୍ଗାପ୍ରସାଦ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଯୁବ ସମାଜ ଓ ଶିଶୁ ମାନଙ୍କ ମନରେ ମହାଭାରତ ପରି ମହାକାବ୍ୟ ପରି ନିର୍ମାଣ କରିଥିବାରୁ ଦଳକୁ ଭୂୟସୀ ପ୍ରସଂଶା କରା ଯାଇଥିଲା। ବୈଷ୍ଣବ ସମାଜ ପକ୍ଷରୁ ଅନିନ୍ଦିତା ଘୋଷ, ବିଦିଶା ସରକାର ଓ ପାରୋମିତା ରାୟ କରୁକ୍ଷେତ୍ରର ଦଳକୁ ଉତ୍ତରୀୟ ଓ ସ୍ମାରକୀ ପ୍ରଦାନ କରିଥିଲା ବେଳେ ଅନୁ ସିକ୍କାଙ୍କ ଦଳ ପକ୍ଷରୁ ସମସ୍ତଙ୍କୁ କରୁକ୍ଷେତ୍ର ୱେବ ସିରିଜର ଫ୍ରେମ୍ ପ୍ରଦାନ କରାଯାଇଥିଲା।

## ଛୁରାମାଡ଼ ଘଟଣାକୁ ନେଇ ମୁହଁ ଖୋଲିଲେ ସୈଫ

ଚଳିତ ବର୍ଷ ଆରମ୍ଭରେ ମୁମ୍ବାଇର ବାନ୍ଦ୍ରାସ୍ଥିତ ପାଲି ହିଲ୍ ଘରେ ଜଣେ ଅନୁପ୍ରବେଶକାରୀ ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କୁ ଛୁରାମାଡ଼ କରିବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଅନୁପ୍ରବେଶକାରୀଙ୍କ ଛୁରାମାଡ଼ ପରେ ସୈଫଙ୍କ ମେରୁଦଣ୍ଡରେ ଗଭୀରଭାବେ ଆଘାତ ଲାଗିଥିଲା। ଏହି କାରଣରୁ ତାଙ୍କୁ ଚିକିତ୍ସା ପାଇଁ ଏକ ସପ୍ତାହ ଧରି ହସ୍ପିଟାଲରେ ରହିବାକୁ ପଡ଼ିଥିଲା। ଚିକିତ୍ସା ପରେ ଯେପରି ଶୈଳୀରେ ସୈଫ ହସ୍ପିଟାଲରୁ ବାହାରିଥିଲେ ତାଙ୍କୁ ନେଇ ଲୋକେ ଖୁବ ଟ୍ରୋଲ କରିଥିଲେ। ଛୁରାମାଡ଼ ଘଟଣାକୁ ଏକ ଷଡଯନ୍ତ୍ର ବୋଲି କହିଥିଲେ। ସମ୍ପ୍ରତି ଏ ପ୍ରସଙ୍ଗରେ ସୈଫ୍ ମୁହଁ ଖୋଲି କହିଛନ୍ତି, 'ଚିକିତ୍ସା ପରେ ହସ୍ପିଟାଲରୁ ଛୁଟି ମିଳିବା ପରେ ମୋତେ ଚାଲିବାରେ ସାମାନ୍ୟ ଅସୁବିଧା ହେଉଥିଲା କିନ୍ତୁ ମୁଁ ଚାଲି ପାରୁଥିଲି। ହସ୍ପିଟାଲରୁ ବାହାରିବା ସମୟରେ ଅନେକଲୋକ ମୋତେ ହୁଇଲ ଚୌକିରେ ଯିବାକୁ କହିଥିଲେ। କିନ୍ତୁ ମୋ ବିବେକ ବାଧା ଦେଇଥିଲା। ମୁଁ ଜାଣିଥିଲି ଛୁରାମାଡ଼ ଘଟଣା ଶୁଣିବା ପରେ ମୋର ପ୍ରଶଂସକ ଓ ଗଣମାଧ୍ୟମ ଚିନ୍ତାରେ ପଡ଼ିଯାଇଛନ୍ତି। ସେମାନେ ମୋ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ଯଦି ମୁଁ ଏପରି ହୁଇଲ ଚୌକିରେ ବସି ଯିବି ସେମାନେ ନିରାଶ ହୋଇଯିବେ। ମୋ ସ୍ୱାସ୍ଥ୍ୟକୁ ନେଇ ବିଭିନ୍ନ ପ୍ରକାର ଚିନ୍ତା ତାଙ୍କ ମନରେ ଘାରି ବସିବ। ତେଣୁ ମୁଁ ନାଟକ କରିବାକୁ ଚାହୁଁ ନଥିଲି। ତେଣୁ ସୁସ୍ଥ ମଣିଷ ଭଳି ହସ୍ପିଟାଲରୁ ବାହାରି ଗଣମାଧ୍ୟମ ଓ ମୋ ପ୍ରଶଂସକଙ୍କୁ ଭେଟି ଘର ଅଭିମୁଖେ ଚାଲି ଆସିଥିଲି।'



ଉତ୍କଳ ସମାଚାର

## ସମ୍ପାଦକୀୟ...

**ଗୁରୁବାର ୨୯ ଅକ୍ଟୋବର ୨୦୨୬**

# ରକ୍ତମୁଖା ଅପରାଧୀଙ୍କ ଉଡିଗଲାଣି ନିଦ

ଓଡିଶାର ସାମ୍ପ୍ରତିକ ଆଇନ ଶୃଙ୍ଖଳା ପରିସ୍ଥିତିରେ ଏକ ବଡ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି ଏବଂ ରାଜ୍ୟରେ ଅପରାଧ ତଥା ଅପରାଧୀଙ୍କ ସାମାଜ୍ର୍ୟକୁ ରୂପେ ଭୁଶୁଡାଇ ଦେବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଯାହାଫଳରେ ଗ୍ୟାଙ୍ଗଷ୍ଟର, ଦାଦାବଟି ଆଦାୟକାରୀ ଓ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ମନରେ ପ୍ରବଳ ଆତଙ୍କ ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ବିଭିନ୍ନ ପ୍ରମୁଖ ସହର ଯେପରିକି ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର ଏବଂ ରାଉରକେଲା ଭଳି ଅଂଚଳରେ ସଙ୍ଗଠିତ ଅପରାଧ, ମାରାତ୍ମକ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ, ଜମି ମାଫିଆ, ନିଶା କାରବାର ଏବଂ ସୁପାରୀ କିଲିଂ ଭଳି ମାମଲା ବୃଦ୍ଧି ପାଇବା ଯୋଗୁଁ ସାଧାରଣ ନାଗରିକଙ୍କ ସୁରକ୍ଷା ବିପନ୍ନ ହୋଇପଡିଥିଲା, ଯାହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ସରକାର ଓ ପୋଲିସ ବାହିନୀ 'ଶୂନ୍ୟ ସହନଶୀଳତା' ବା ଜିରୋ ଟଲରେନ୍ସ ନୀତି ଆପଣେଇଛନ୍ତି। ପୋଲିସ ମହାନିର୍ଦ୍ଦେଶକ ଏବଂ କ୍ରାଇମବ୍ରାଂଚର ଉଚ୍ଚ ପଦାଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଜିଲ୍ଲାରେ ସ୍ପେଶାଲ ସ୍କ୍ୱାର୍ଡ୍ ଓ ଏସଟିଏଫ (ଝଞ୍ଜର)ର ମିଳିତ ଅଭିଯାନ ଆରମ୍ଭ କରାଯାଇଛି, ଯାହାର ମୂଳ ଲକ୍ଷ୍ୟ ହେଉଛି ଅପରାଧ ମୁକ୍ତ ଓଡିଶା ଗଠନ କରିବା ଏବଂ ସମାଜବିରୋଧୀ ତତ୍ତ୍ୱଙ୍କ ମୂଳୋତ୍ପାଟନ କରିବା। ଏହି କ୍ରମରେ ପୋଲିସ ବାହିନୀ ଦ୍ୱାରା ଦୁର୍ଦ୍ଦାନ୍ତ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ଲୁଚିବା ସ୍ଥାନ ଉପରେ ଚଢାଉ କରାଯାଉଛି ଏବଂ ଯେତେବେଳେ ଏହି ଅପରାଧୀମାନେ ନିଜକୁ ଆଇନ ହାତରୁ ବଂଚାଇବା ପାଇଁ ପୋଲିସ ଉପରକୁ ଗୁଳିଚାଳନା କରୁଛନ୍ତି କିମ୍ବା ବୋମାମାଡ କରି ଖସିଯିବାକୁ ଚେଷ୍ଟା କରୁଛନ୍ତି, ସେତେବେଳେ ପୋଲିସ ନିଜର ଆତ୍ମରକ୍ଷା ଓ ଜନସାଧାରଣଙ୍କ ଜୀବନର ସୁରକ୍ଷା ପାଇଁ ଜବାବୀ ଗୁଳିଚାଳନା ବା ଏନକାଉଣ୍ଟର (ରଭମନ୍ଦଙ୍କଭଶ୍ୱରବ୍ସ) କରିବାକୁ ବାଧ୍ୟ ହେଉଛି। ଓଡିଶାରେ ଏହି ପୋଲିସ ଏନକାଉଂଟର ପ୍ରକ୍ରିୟାକୁ ସାଧାରଣ ଭାଷାରେ 'ଲଙ୍ଗଡା ଅପରେସନ' (ଖକ୍ଟଭଶବ୍ସବ ଙକ୍ତ୍ରରକ୍ସବଗ୍ଧସକ୍ଟଭ) ବୋଲି କୁହାଯାଉଛି, କାରଣ ଏହି ଗୁଳିବିନିମୟ ସମୟରେ ଅପରାଧୀମାନଙ୍କ ଗୋଡରେ ଗୁଳି ବାଜୁଛି, ଯାହାଫଳରେ ସେମାନେ ଶାରୀରିକ ଭାବେ ଅକ୍ଷମ ହୋଇ ମେଡିକାଲକୁ ଯାଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ଜେଲର ଅନ୍ଧକାର ପ୍ରକୋଷ୍ଠକୁ ନିକ୍ଷେପ ହଉଛନ୍ତି। ଏହି କଠୋର ପଦକ୍ଷେପ ଯୋଗୁଁ ଅପରାଧୀ ଜଗତର କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ସ୍ତବ୍ଧ ହୋଇଯାଇଛି, ଯେଉଁମାନେ ପୂର୍ବରୁ ରାଜରାସ୍ତାରେ ଖୁଲମଖୁଲା ବୁଲୁଥିଲେ ଏବଂ ବନ୍ଧୁକ ମୁନରେ ବ୍ୟବସାୟୀଙ୍କୁ ଧମକ ଦେଇ କୋଟି କୋଟି ଟଙ୍କାର ଦାଦାବଟି ବା କାଲିଆ ସୁପାରୀ ଆଦାୟ କରୁଥିଲେ, ସେମାନଙ୍କ ଛାତିରେ ଏବେ ମୃତ୍ୟୁର ଆତଙ୍କ ଖେଳିଯାଇଛି। ପୋଲିସର ଏହି ରୁଦ୍ର ରୂପ ଦେଖିବା ପରେ ରାଜ୍ୟର ଶତାଧିକ ଛୋଟବଡ କ୍ରିମିନାଲ ଏବେ ନିଜର ଜୀବନ ବଂଚାଇବା ପାଇଁ ହାତଟେକି ଥାନାରେ ଆତ୍ମସମର୍ପଣ କରୁଛନ୍ତି କିମ୍ବା ଓଡିଶାର ସୀମା ପାର ହୋଇ ପଡୋଶୀ ରାଜ୍ୟ ଯେପରିକି ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡକୁ ପଳାୟନ କରୁଛନ୍ତି। ବ୍ୟବସାୟିକ ପ୍ରତିଷ୍ଠାନ, ବିଲ୍ଡର ଏବଂ ଶିଳ୍ପପତିମାନେ, ଯେଉଁମାନେ ଦୀର୍ଘ ଦିନ ଧରି ଏହି ଅପରାଧୀମାନଙ୍କର ମେସେଜ୍ ଏବଂ ଫୋନ୍ କଲକୁ ନେଇ ଭୟଭୀତ ଅବସ୍ଥାରେ ରହୁଥିଲେ ସେମାନେ ଏବେ ମୁକ୍ତ ଭାବେ ନିଜର ବ୍ୟାପାର ବାଣିଜ୍ୟ ପରିଚାଳନା କରିପାରୁଛନ୍ତି ଏବଂ ପୋଲିସର ଏହି ଦୃଢ ନିଷ୍ପତିକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ବିଶେଷ କରି ସହରାଂଚଳରେ ନୂଆ ନୂଆ ଗ୍ୟାଙ୍ଗ ଗଠନ କରୁଥିବା ଏବଂ ବାଇକରେ ବୁଲି ଚେନ୍ ଛଡାଇବା, ରାହାଜାନୀ କରିବା ଏବଂ ମାରପିଟ୍ କରି ନିଜର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରୁଥିବା ଉଦ୍ଧତ ଯୁବ କ୍ରିମିନାଲମାନଙ୍କ ଅଂଟା ଭାଙ୍ଗିବାରେ ଏହି ଏନକାଉଟଂର ସବୁଠାରୁ ବଡ ହତିଆର ସାବ୍ୟସ୍ତ ହୋଇଛି, କାରଣ ସେମାନେ ବୁଝିଗଲେଣି ଯେ ଅପରାଧ ଦୁନିଆର ଶେଷ ପରିଣତି କେବଳ କାରାଗାର କିମ୍ବା ପୋଲିସର ଗୁଳି। ଏହା ସହିତ ପୋଲିସ ଏବେ ଅପରାଧୀମାନଙ୍କର କେବଳ ଶାରୀରିକ ଦମନ କରୁନାହିଁ, ବରଂ ସେମାନଙ୍କର ସାମ୍ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଛାନ୍ନଭିନ କରିବା ପାଇଁ ବେଆଇନ ଭାବେ ଅର୍ଜନ କରାଯାଇଥିବା ସମ୍ପତିକୁ ବାଜ୍ୟାପ୍ତ କରିବା ସହ ସେମାନଙ୍କ ବେଆଇନ ନିର୍ମାଣ ଉପରେ ବୁଲଡୋଜର ଚଳାଉଛି, ଯାହାଫଳରେ ଅପରାଧୀଙ୍କ ଆର୍ଥିକ ଉତ୍ସ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଉଛି। ରାଜ୍ୟରେ ଏଭଳି ଦ୍ରୁତ ପଦକ୍ଷେପ ଯୋଗୁଁ ମହିଳା, ସ୍କୁଲ କଲେଜ ଛାତ୍ରୀ ଏବଂ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଏକ ଅଭୂତପୂର୍ବ ସୁରକ୍ଷାର ଭାବନା ସୃଷ୍ଟି ହୋଇଛି, କାରଣ ସନ୍ଧ୍ୟା ହେଲେ ରାସ୍ତାଘାଟରେ ଯେଉଁ ଆଂଟିସୋସିଆଲମାନେ ଆଡ୍ଡା ଜମାଉଥିଲେ ଏବଂ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିଲେ, ସେମାନେ ଏବେ ପୋଲିସ ଗାଡିର ସାଇରେନ୍ ଶବ୍ଦ ଶୁଣିବା ମାତ୍ରେ ଛତ୍ରଭଙ୍ଗ ଦେଉଛନ୍ତି। ଯଦିଓ ଏହି ଏନକାଉଟଂର ପ୍ରକ୍ରିୟାକୁ ନେଇ କେତେକ ମାନବାଧିକ ସଂଗଠନ ଏବଂ ଆଇନଜ୍ଞ ଆପତି ଉଠାଇ କହିଛନ୍ତି ଯେ ଆଇନ ଏବଂ ସମ୍ବିଧାନର ପରିସର ମଧ୍ୟରେ ହିଁ ପ୍ରତ୍ୟେକ ଅପରାଙ୍କୁ ବିଚାରଳୟ ମାଧ୍ୟମରେ ଦଣ୍ଡ ଦିଆଯିବା ଉଚିତ ଏବଂ କୌଣସି ପରିସ୍ଥିତିରେ ବିଚାର ବିଭାଗୀୟ ପ୍ରକ୍ରିୟାକୁ ବାଇପାସ୍ କରାଯିବା କଥା ନୁହେଁ, ମାତ୍ର ସାଧାରଣ ଜନତାଙ୍କ ମତରେ ଯେତେବେଳେ କ୍ରିମିନାଲମାନେ କୌଣସି ନିୟମ କିମ୍ବା ମାନବିକତାକୁ ଖାତିର ନକରି ନିରୀହ ଲୋକଙ୍କ ଉପରକୁ ଗୁଳି ଚଳାନ୍ତି ଏବଂ ସାକ୍ଷୀମାନଙ୍କୁ ଧମକ ଦେଇ କୋର୍ଟରୁ ଖଲାସ ହୋଇଯାନ୍ତି, ସେତେବେଳେ ସମାଜରେ ଶାନ୍ତି ଓ ସନ୍ତୁଳନ ରକ୍ଷା କରିବା ପାଇଁ ପୋଲିସର ଏହି ତ୍ୱରିତ ପ୍ରହାର ଅତ୍ୟନ୍ତ ଅନିବାର୍ଯ୍ୟ ହୋଇପଡେ। ଓଡିଶାକୁ ଏକ ବିକଶିତ ଏବଂ ନିରାପଦ ନିବେଶ ସ୍ଥଳୀ ଭାବେ ଗଢିତୋଳିବା ପାଇଁ ରାଜ୍ୟରେ ସୁସ୍ଥ ପରିବେଶ ଏବଂ ସୁଦୃଢ ଆଇନ ଶୃଙ୍ଖଳା ସବୁଠାରୁ ବଡ ସର୍ତ୍ତ, ଆଉ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ପୋଲିସ ବାହିନୀ ଆଗାମୀ ଦିନରେ ନିଜର ଏହି କଡା ଆଭିମୁଖ୍ୟକୁ ଆହୁରି ଜୋରଦାର କରିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ ସଙ୍କେତ ଦିଆଯାଇଛି, ଯାହା ଓଡିଶାର ଇତିହାସରେ ଅପରାଧ ଦମନ କ୍ଷେତ୍ରରେ ଏକ ଅତ୍ୟନ୍ତ ସ୍ମରଣୀୟ ଏବଂ ଶକ୍ତିଶାଳୀ ଅଧ୍ୟାୟ ଭାବେ ବିବେଚିତ ହେବ।

# କଣ୍ଢେଇ ନାଚ !

ଭୂମିକା ସରିଗଲା ପରେ ନାଚୁଥିବା କଣ୍ଢେଇ ତା'ର ନିଷ୍ପ୍ରାଣ ଶରୀରକୁ ନେଇ ବାକ୍ସ ଭିତରେ ପଡ଼ି ରହିବା ଭଳି ଭାଗ୍ୟ ହୁଏତ ଲରେନ୍ ?ସ ବିଷ୍ଣୋଇକୁ ଅପେକ୍ଷା କରି ରହିଛି। ନବମ ଦଶକର ଆତଙ୍କ ସୃଷ୍ଟିକାରୀ ଡନ ଛୋଟା ରାଜନ ଏବେ ତିହାର ଜେଲରେ ବନ୍ଦୀ, ନିଃସଙ୍ଗ, ନିଷ୍କ୍ରିୟ ଓ ବିସ୍ମୃତ। ସେହି ସମୟ ନ ପହଚିଂଲା ପର୍ଯ୍ୟନ୍ତ ଲରେନ୍ସ ବିଷ୍ଣୋଇ ହୁଏତ ବୁଝି ପାରିବ ନାହିଁ ଯେ କଣ୍ଢେଇର ଭାଗ୍ୟ ଓ ଭବିଷ୍ୟତ ଥାଏ ସୂତ୍ରଧରମାନଙ୍କ ହାତରେ, କଣ୍ଢେଇମାନେ ନିମିତ ମାତ୍ର ! ଗଲା ଅକ୍ଟୋବର ୧୮ ତାରିଖରେ, ଅଭିନେତା ଟାଇଗର ଶ୍ରଫଙ୍କୁ ଗୁଳି ମାଡ଼ ଘଟଣା ଏବଂ ତହିଁରେ କଥିତ ରୂପେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଂପୃକ୍ତି ସାରା ଦେଶରେ ଚାଂଚଲ୍ୟ ସୃଷ୍ଟି କରିଛି। ଏଭଳି ସ୍ଥଳେ, ଏହାକୁ ଘେନି ଚାଲିଥିବା ଚର୍ଚ୍ଚାଗୁଡ଼ିକରେ, ଦୁଇ ଦଶନ୍ଧି ପରେ, ମୁମ୍ବାଇରେ, ପୁନର୍ବାର ମୁଣ୍ଡ ଟେକିଥିବା 'ଗ୍ୟାଙ୍ଗଷ୍ଟରିଜମ୍' ଓ ଅଣ୍ଡର ୱ୍ୱାର୍ଲଡ଼୍ର ଦୁଷ୍ପ୍ରଭାବ ଭଳି ବିଷୟ କେନ୍ଦ୍ରରେ ରହିଛି। ତେବେ, କଥା ହେଲା, ଚର୍ଚ୍ଚାର ଏହି ବଳୟକୁ ଅତିକ୍ରମ କରି ସାମାନ୍ୟ ଦୃଷ୍ଟି ସଂପ୍ରସାରଣ କଲେ ଛାୟାଲୋକରେ ରହସ୍ୟାବୃତ ଏଭଳି ଚିତ୍ର ଓ ଚରିତ୍ରମାନ ଦୃଷ୍ଟିଗୋଚର ହୁଅନ୍ତି, ଯହିଁରେ ମନେ ହୋଇଥାଏ ଯେ କେଉଁ ଅଜ୍ଞାତ ସୂତ୍ରଧରମାନେ ସତେ ଅବା କଣ୍ଢେଇ ନାଚ କରାଇବାରେ ନିମଗ୍ନ। ଏହି ପରିପ୍ରେକ୍ଷୀରେ ସଂଦର୍ଭକୁ ବୁଝିବାକୁ ହେଲେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ଇତିମଧ୍ୟରେ ଏହି ଆକ୍ରମଣକୁ ମିଶାଇ ବଲିଉଡର ଅଭିନେତା ଓ ନିର୍ଦ୍ଦେଶକଙ୍କ ଉପରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଦ୍ୱାରା, କଥିତ ଭାବେ, ଚାରି ଥର ଆକ୍ରମଣ କରାଯାଇଥିଲେ ହେଁ କେହି ଜଣେ ହେଲେ ମୃତାହତ ହୋଇ ନାହାନ୍ତି। ଅଥଚ, ଏହି ଗ୍ୟାଙ୍ଗ ଦ୍ୱାରା, ସେହି ମୁମ୍ବାଇରେ, ବାବା ସିଦ୍ଧିକି ନାମକ ଜଣେ ପ୍ରଭାବଶାଳୀ ରାଜନେତା ନିହତ ହୋଇଛନ୍ତି। ସୁତରାଂ, ଏହି ପର୍ଯ୍ୟବେକ୍ଷକମାନଙ୍କ ଧାରଣା ଯେ ଏଭଳି ଉଦ୍ୟମରେ ଥିବା ପ୍ରଚ୍ଛନ୍ନ ଅଭିସନ୍ଧି ହେଉଛି ବଲିଉଡରେ ଭୟର ବାତାବରଣ ସୃଷ୍ଟି କରିବା, ଯଦ୍ଦ୍ୱାରା ନବମ ଦଶକର ଦାଉଦ ଇବ୍ରାହିମ ଭଳି ବଲିଉଡକୁ ଅକ୍ତିଆର କରାଯାଇପାରିବ ! ତାହା ହୋଇ ନ ଥିଲେ କୃଷ୍ଣସାର ମୃଗ ଶିକାର ବ୍ୟାପାରରେ ସଲମାନ ଖାଁଙ୍କୁ ହତ୍ୟା କରିବାର ପଣ କରିଥିବା ଏକ ଅତ୍ୟନ୍ତ ସମର୍ଥ ଓ ବିପଜ୍ଜନକ ଗ୍ୟାଙ୍ଗର କିଛି ସଦସ୍ୟ, ସଡ଼କ ଉପରୁ ସଲମାନଙ୍କ ବାସଭବନ ଉପରକୁ ଗୁଳି ମାଡ଼ କରି ଶିରୋନାମା ମଣ୍ଡନ କରିବାରେ ସନ୍ତୁଷ୍ଟ ରହନ୍ତେ ନାହିଁ ! ତେଣୁ, ସଲମାନ ଖାଁଙ୍କ ହତ୍ୟା ଉଦ୍ଦେଶ୍ୟ ହୋଇପାରେ ଏକ ଆଳ ମାତ୍ର; ଯେଉଁଠି ପ୍ରକୃତ ଉଦ୍ଦେଶ୍ୟ ହେଉଛି ବଲିଉଡ୍‌ରେ ଭୟର ସଂଚାରଣ। ଉଲ୍ଲେଖଯୋଗ୍ୟ ଯେ ସପ୍ତମ ଦଶକରୁ ବଲିଉଡ ଅଣ୍ଡର-ୱ୍ୱାର୍ଲଡ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇ ରହି ଆସିଛି, ଯେତେବେଳେ କୁଖ୍ୟାତ ସ୍ମଗଲର ହାଜି ମସ୍ତାନ ଓ କରିମ ଲାଲାଙ୍କ ଅର୍ଥରେ ଚଳଚ୍ଚିତ୍ର ନିର୍ମିତ ହେଉଥିଲା ! ପରବର୍ତ୍ତୀ କାଳରେ ବଲିଉଡ ଦାଉଦ ଇବ୍ରାହିମର ଜାଗିରରେ ପରିଣତ ହୋଇଥିଲା। ପର୍ଯ୍ୟବେକ୍ଷକମାନେ କହିଥାଆନ୍ତି ଯେ କେବଳ ବଲିଉଡ ନୁହେଁ, ମୁମ୍ବାଇରେ ଦାଉଦର ଦୁର୍ଗ ଭୂଲୁଣ୍ଠିତ କରିବା ମଧ୍ୟ ହୋଇପାରେ ଦିଲ୍ଲୀର ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଏକ ବୃହତର ଲକ୍ଷ୍ୟ ! ପ୍ରକାଶ ଥାଉ କି ୧୯୯୩ ମୁମ୍ବାଇ ସିରିଏଲ ବୋମା ବିସ୍ଫୋରଣ ଘଟଣା ପରେ ଏହାର ମୁଖ୍ୟ ଷଡ୍‌ଯନ୍ତ୍ରକାରୀ ଦାଉଦ ଇବ୍ରାହିମ ସହିତ, ତା'ର ଡାହାଣ ହାତ ରୂପେ ପରିଚିତ ଛୋଟା ରାଜନ, ସମସ୍ତ ସଂପର୍କ ଛିନ୍ନ କରି ଏକ ପରମ ଶତ୍ରୁରେ ପରିଣତ ହୋଇଥିଲା। ଏହି କ୍ରମରେ ଦାଉଦ ଓ ଛୋଟା ରାଜନ ଗ୍ୟାଙ୍ଗ ମଧ୍ୟରେ ସଂଘଟିତ ଭୟାବହ ସଂଘର୍ଷ ପେକ୍ଷାପଟରେ ଛୋଟା ରାଜନ ନିଜକୁ ଜଣେ ହିନ୍ଦୁ ଡନ୍ ରୂପେ ଦର୍ଶାଇବାକୁ ଚାହିଁଥିଲା। ସଂପ୍ରତି ଲରେନ୍ସ ବିଷ୍ଣୋଇ ମଧ୍ୟ ସେଭଳି ଆଭିମୁଖ୍ୟ ଧାରଣ କରିଥିବା ପରିଲକ୍ଷିତ ହେଉଛି। ଏବଂ ନବମ ଦଶକ ତୁଳନାରେ ସଂପ୍ରତି ହିନ୍ଦୁ ପ୍ରାଧାନ୍ୟବାଦୀ ମାନସିକତା ଅଧିକ ପ୍ରଗାଢ଼ ହୋଇଥିବାରୁ ସଂପ୍ରତି ଲରେନ୍ ?ସ ବିଷ୍ଣୋଇର ଅନୁଧାବକଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କେବଳ ସେତିକି ନୁହେଁ, କାନାଡାରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତା ହରଦୀପ ସିଂହ ନିଜ୍ଜରର ହତ୍ୟା ପଛରେ ଲରେନ୍ସ ବିଷ୍ଣୋଇର ସନ୍ଦିଗ୍ଧ ସଂପୃକ୍ତି ପରିପ୍ରେକ୍ଷୀରେ ତାକୁ ଅନେକତ୍ର ଜଣେ ଦେଶପ୍ରେମୀ ରୂପେ ମଧ୍ୟ ବର୍ଣ୍ଣନା କରାଯାଉଛି। ଏଭଳି ସ୍ଥିତିରେ ଲରେନ୍ସ ବିଷ୍ଣୋଇ ଓ ତା'ର କାର୍ଯ୍ୟକଳାପ ଏକ ଧୂସର ଇଲାକାରେ ପ୍ରବେଶ କରିଥାଏ, ଯାହା ଉଦ୍ ?ବେଗଜନକ ! ଉଲ୍ଲେଖଯୋଗ୍ୟ ଯେ ମୁମ୍ବାଇ ଅଣ୍ଡର ୱ୍ୱାର୍ଲଡ୍‌ର ପ୍ରମୁଖ ଗ୍ୟାଙ୍ଗଷ୍ଟର ଯେମିତି ଦାଉଦ ବା ଛୋଟା ରାଜନ ବା ଆବୁ ସାଲେମ ଇତ୍ୟାଦି ଯଥାକ୍ରମେ ଦୁବାଇ (ଓ ପରେ କରାଚୀ), ଥାଇଲାଣ୍ଡ ଓ ପର୍ତ୍ତୁଗାଲରେ ରହି, ଅର୍ଥାତ୍ ଭାରତୀୟ ଆଇନ ଠାରୁ ଯଥେଷ୍ଟ ଦୂରରୁ, ସେମାନଙ୍କ ଆପରାଧିକ କାର୍ଯ୍ୟକଳାପ ଚଳାଉଥିଲେ। ଅଥଚ, ଲରେନ୍ସ ବିଷ୍ଣୋଇ ଅତ୍ୟନ୍ତ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ସାବରମତୀ ଜେଲରୁ ହିଁ ତା'ର ଆପରାଧିକ ସାମ୍ରାଜ୍ୟ ଚଳାଇ ରଖିଛି, ଅର୍ଥାତ୍ ଆଇନର ନାକ ତଳେ ରହି ! ତେଣୁ ପ୍ରଶ୍ନ ଉଠିଥାଏ ଯେ ଲରେନ୍ସକୁ ଦମନ କରିବା ଅତ୍ୟନ୍ତ ସହଜ ଓ ସଂପୂର୍ଣ୍ଣ ସମ୍ଭବ ହୋଇଥିଲେ ହେଁ ସେଭଳି ଘଟୁ ନାହିଁ କାହିଁକି ? ତେଣୁ ଧାରଣା ସୃଷ୍ଟି ହୋଇଥାଏ ଯେ ଜେଲ ଭିତରୁ ସଂଗଠନ ଚଳାଇ ରଖିବା ପାଇଁ ତାକୁ ପ୍ରଶ୍ରୟ ଦିଆଯାଇ ତା' ମାଧ୍ୟମରେ ଏଭଳି କିଛି କାର୍ଯ୍ୟ ହୁଏତ କରାଇ ନିଆଯାଉଥିବ, ଯାହା ଆଇନସମ୍ମତ ହୋଇ ନ ଥିଲେ ହେଁ ଦେଶର ସୁରକ୍ଷା ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ହୋଇଥିବ ! ଏଠାରେ ସ୍ମରଣଯୋଗ୍ୟ ଯେ ନବମ ଦଶକରେ ଦାଉଦ ଇବ୍ରାହିମର ନେଟୱ୍ୱାର୍କ ଭାଙ୍ଗିବା ସକାଶେ ଭାରତୀୟ ଗୁଇନ୍ଦା ସଂସ୍ଥା 'ର' ଏବଂ ଆଇ.ବି. (ଇଂଟେଲିଜେନ୍ସ ବ୍ୟୁରୋ) ପକ୍ଷରୁ ଛୋଟା ରାଜନର ସହାୟତା ନିଆଯାଉଥିବା ବିଷୟ ପ୍ରଘଟ ହୋଇଥିଲା। ସେହିଭଳି ବିଦେଶରେ ଥିବା ଭାରତ ବିରୋଧୀ ବିଚ୍ଛିନ୍ନତାବାଦୀ ସଂଗଠନର ନେତାମାନଙ୍କ ବିରୋଧରେ ଲରେନ୍ସ ବିଷ୍ଣୋଇକୁ ବ୍ୟବହାର କରାଯାଉଥାଇପାରେ କି ? ଅନେକ ବିଶେଷଜ୍ଞ ଏହି ମତ ପୋଷଣ କରନ୍ତି। ଏହାର ଅର୍ଥ ହେଲା ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ଗ୍ୟାଙ୍ଗଷ୍ଟର ଭାବେ ପରିଚିତ ହେବାକୁ ବସିଥିବା ଲରେନ୍ସ ବିଷ୍ଣୋଇ ପ୍ରକୃତରେ ହୋଇପାରେ ଅଜ୍ଞାତ ସୂତ୍ରଧରଙ୍କ ହାତରେ ନାଚୁଥିବା ଏକ କଣ୍ଢେଇ ମାତ୍ର ! ସିଦ୍ଧୁ ମୁସେ ୱ୍ୱାଲା ଓ ବାବା ସିଦ୍ଧିକିଙ୍କ ହତ୍ୟା ଏବଂ ଅନେକ ହତ୍ୟା ଉଦ୍ୟମରେ ସଂପୃକ୍ତିର ଅଭିଯୋଗ ସତ୍ତ୍ୱେ ଲରେନ୍ସ ବିଷ୍ଣୋଇକୁ ପୁଲିସ ନିଜ 'କଷ୍ଟଡି' ବା ହେପାଜତକୁ ନେଇ ଜେରା କରିବା ଏ ଯାବତ୍ ସମ୍ଭବ ହୋଇ ପାରିନାହିଁ। ଏହା ପଛରେ ରହିଛି ଭାରତୀୟ ନ୍ୟାୟ ସଂହିତାର ଦଫା ୩୦୩ ଅନୁସାରେ କ୍ଷମତା ପ୍ରାପ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରୟୋଗ କରାଯାଇଥିବା କଟକଣା। ଏଭଳି କଟକଣାର ଅବଧି ଗୋଟିଏ ବର୍ଷ ଲାଗି ହୋଇଥିଲେ ହେଁ ଲରେନ୍ସ ବିଷ୍ଣୋଇ କ୍ଷେତ୍ରରେ ପ୍ରତି ବର୍ଷ ତାହାର ନବୀକରଣ କରାଯାଉଛି। ସୁତରାଂ, ଏହାକୁ ନେଇ ବିରୋଧୀ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ସ୍ୱାଭାବିକ ଭାବେ ଅଭିଯୋଗ କରାଯାଇଥାଏ ଯେ ଲରେନ୍ସ ବିଷ୍ଣୋଇ ପ୍ରତି ସରକାର ଦରଦୀ ! ଏଭଳି ଅଭିଯୋଗ ପଛରେ ଯଥାର୍ଥତା ଥାଉ ବା ନ ଥାଉ ତାହା ଲରେନ୍ସ ବିଷ୍ଣୋଇକୁ ହୁଏତ ଏକ ସୁରକ୍ଷା କବଚ ଭଳି ମନେ ହେଉଥିବ ! ସରକାରଙ୍କ ଏଭଳି ଆଭିମୁଖ୍ୟ ସାଧାରଣରେ ମଧ୍ୟ ବିସ୍ମୟର କାରଣ ହୋଇଥାଏ ! କିନ୍ତୁ, ବିଶେଷଜ୍ଞମାନେ କହନ୍ତି ଯେ କୌଣସି ନିର୍ଦ୍ଦିଷ୍ଟ ଭୂମିକା ନିର୍ବାହ କରିବା ସକାଶେ ଲରେନ୍ସ ବିଷ୍ଣୋଇକୁ ଏଭଳି ଏକ ସୁବିଧା ମିଳିଥିବା ସମ୍ଭବ ! ଭୂମିକା ସରିଗଲା ପରେ ନାଚୁଥିବା କଣ୍ଢେଇ ତା'ର ନିଷ୍ପ୍ରାଣ ଶରୀରକୁ ନେଇ ବାକ୍ ?ସ ଭିତରେ ପଡ଼ି ରହିବା ଭଳି ଭାଗ୍ୟ ହୁଏତ ଲରେନ୍ସ ବିଷ୍ଣୋଇକୁ ଅପେକ୍ଷା କରି ରହିଛି। ନବମ ଦଶକର ଆତଙ୍କ ସୃଷ୍ଟିକାରୀ ଡନ ଛୋଟା ରାଜନ ଏବେ ତିହାର ଜେଲରେ ବନ୍ଦୀ, ନିଃସଙ୍ଗ, ନିଷ୍କ୍ରିୟ ଓ ବିସ୍ମୃତ। ସେହି ସମୟ ନ ପହଚିଂଲା ପର୍ଯ୍ୟନ୍ତ ଲରେନ୍ସ ବିଷ୍ଣୋଇ ହୁଏତ ବୁଝି ପାରିବ ନାହିଁ ଯେ କଣ୍ଢେଇର ଭାଗ୍ୟ ଓ ଭବିଷ୍ୟତ ଥାଏ ସୂତ୍ରଧରମାନଙ୍କ ହାତରେ, କଣ୍ଢେଇମାନେ ନିମିତ ମାତ୍ର !

# ଧର୍ମର ବୈଜ୍ଞାନିକ ମାର୍ଗ

## ଡାକ୍ତର ଉମେଶ ଚନ୍ଦ୍ରପାତ୍ର

ତ୍ୟେକ କର୍ମର ଫଳ, କର୍ମ କରାଯିବାର ଉଦ୍ଦେଶ୍ୟ ଉପରେ ନିର୍ଭର କରିଥାଏ। ଯଥା ହତ୍ୟାକାରୀଙ୍କୁ ଦଣ୍ଡିତ କରାଯାଇ ଫାଶୀଖୁଟଂରେ ଝୁଲାଇ ଦିଆଯାଏ ଏବଂ ଜଣେ ଡାକ୍ତରଙ୍କ ଦ୍ୱାରା କରାଯାଇଥିବା କଷ୍ଟସାଧ୍ୟ ଅସ୍ତ୍ରୋପଚାର ପରେ ମଧ୍ୟ ରୋଗୀ ଯଦି ମରିଯାଏ ତେବେ ବି ସେହି ଡାକ୍ତରଙ୍କୁ ରୋଗୀଙ୍କ ସଂପର୍କୀୟମାନେ ପ୍ରଶଂସା କରିବାରେ କୁଣ୍ଠାବୋଧ କରନ୍ତି ନାହିଁ। ଉଭୟ କ୍ଷେତ୍ରରେ ଜଣେ ମଣିଷର ମୃତ୍ୟୁ ହୋଇଥାଏ। ଅସ୍ତ୍ରୋପଚାର ସମୟରେ ରୋଗୀର ମୃତ୍ୟୁ ହେଲେ ଡାକ୍ତରଙ୍କୁ ଆମେ ନିନ୍ଦା କରୁନା। କାରଣ ଏଠାରେ ଡାକ୍ତର ଯେଉଁ ଅସ୍ତ୍ରୋପଚାର କରନ୍ତି ତାହାର ଉଦ୍ଦେଶ୍ୟ ଥାଏ ରୋଗୀର ଜୀବନ ରକ୍ଷା। ଏପରିକି ଆଇନରେ ମଧ୍ୟ ଅଛି ଯେ ଯଦି ହତ୍ୟା କରାଯାଇଥିବାର କୌଣସି ଉଦ୍ଦେଶ୍ୟ ସଂପର୍କରେ ପ୍ରମାଣ ନମିଳେ ତେବେ ତାହାକୁ ନରହତ୍ୟା କୁହାନଯାଇ ନିନ୍ଦନୀୟ ନରସଂହାର କୁହାଯିବ। ଦର୍ଶନ ଶାସ୍ତ୍ରରେ ଏହାକୁ ସ୍ୱୟଂସିଦ୍ଧ ନିୟମ କୁହାଯାଏ। ଭଗବତ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ଯେତେବେଳେ ବାସନାର ପୂରଣ ନିମନ୍ତେ ଯଜ୍ଞ କରାଯାଏ ସେତେବେଳେ ଯଜ୍ଞ ସରିବା ପରେ କର୍ତ୍ତାଙ୍କୁ ସ୍ୱର୍ଗଲୋକ ଯିବାକୁ ଅନୁମତି ମିଳେ। କର୍ତ୍ତା ସ୍ୱର୍ଗଲୋକ ଯାଇ ଦେବତାମାନେ ଉପଭୋଗ କରୁଥିବା ସବୁ ଆନନ୍ଦ ଲାଭ କରନ୍ତି। କର୍ତ୍ତାଙ୍କର କର୍ମଫଳ ସରିବାଯିବାରେ ପୁଣି ସେ ମର୍ତ୍ତ୍ୟଲୋକକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି। ଏହି କର୍ତ୍ତାମାନଙ୍କର କାମନା ପୂରଣ ନହେବା ପର୍ଯ୍ୟନ୍ତ ସେମାନଙ୍କର ମର୍ତ୍ତ୍ୟଲୋକକୁ ଯିବା ଆସିବା ଲାଗି ରହିଥାଏ। ଆନନ୍ଦ ଲାଭ ନିମନ୍ତେ ମନରେ ଯେଉଁ କାମନା ଜାତ ହୁଏ ତାହା ନିର୍ଦ୍ଦିଷ୍ଟ ବସ୍ତୁ ବା ସ୍ଥିତି ପାଇଁ ହୋଇଥାଏ। ତେଣୁ ସ୍ୱର୍ଗଲୋକରେ ସେମାନେ ରହି ପାରନ୍ତି ନାହିଁ। ଇଚ୍ଛା ପୂରଣ ନିମନ୍ତେ ବାରମ୍ବାର ସେମାନଙ୍କୁ ସଂସାରକୁ ଆସିବାକୁ ପଡ଼ିଥାଏ। ବିଭିନ୍ନ ଆଶା ରଖି ଯଦି ଧର୍ମ କାର୍ଯ୍ୟ କରାଯାଏ ଏବଂ ତାହା ଫଳରେ ସଂସାର ମିଳେ ତେବେ କୌଣସି କାମନା ନକରି ନିଷ୍କାମ ଭାବେ ଯେଉଁମାନେ ପ୍ରଭୁଙ୍କର ଆରାଧନା କରନ୍ତି ସେମାନେ କଣ ଲାଭ କରିବେ ? ସମଗ୍ର ବିଶ୍ୱ ସେମାନଙ୍କୁ ମିଳିପାରିବ। ଶ୍ରୀକୃଷ୍ଣ କହିଛନ୍ତି ଯେଉଁମାନେ ତଥାକଥିତ ପୁଣ୍ୟରୂପକ ସିଡ଼ିରେ ଉଠୁ ଉଠୁ ଇନ୍ଦ୍ରପଦ ପ୍ରାପ୍ତ କରିଥାନ୍ତି ସେମାନଙ୍କ ପୁଣ୍ୟର ଫଳ ଶେଷ ହୋଇଯିବା ମାତ୍ରେ ଇନ୍ଦ୍ରତ୍ୱର ତେଜ କମିଆସେ। ସେହି ସ୍ୱର୍ଗକାମୀ ବ୍ୟକ୍ତି ବା ଦେବତା ଭୋଗ ଶେଷ ହୋଇଗଲେ ପୁଣି ମର୍ତ୍ତ୍ୟଲୋକକୁ ଖସିଆସେ। ପ୍ରଭୁ କହିଛନ୍ତି 'ହେ ଅର୍ଜ୍ଜୁନ ବୈଦିକ ଅନୁଷ୍ଠାନ କଲେ କଣ ହେବ ? ଯିଏ ମୋ ସ୍ୱରୂପକୁ ଜାଣେନା ତା ଲାଗି ଚାଉଳକୁ ଫିଙ୍ଗି ଦେଇ ତଷୁକୁ ସାଇତି ରଖିବା ଭଳି ସବୁ ନିରର୍ଥକ। ମତେ ଛାଡ଼ି ବେଦୋକ୍ତ ଧର୍ମ ନିଷ୍ଫଳ। ତୁମେ ଆଉ କିଛି ଜାଣି ନପାରିଲେ ମଧ୍ୟ ମତେ କେବଳ ଜାଣିରଖ।' ପୁନଶ୍ଚ ପ୍ରଭୁ କହିଛନ୍ତି 'ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ। ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍'। ଅର୍ଥାତ ଏକମନ ହୋଇ ଯିଏ ନିଜ ବିନ୍ଦୁକୁ ମୋ ଠାରେ ସମର୍ପଣ କରିଥାଏ ଗର୍ଭସ୍ଥ ପିଣ୍ଡଭଳି କୌଣସି କ୍ରିୟା ସହିତ ପରିଚିତ ନୁହେଁ ଯାହା ନିକଟରେ ମୋ ବ୍ୟତୀତ ଉପାଦେୟ ଅନ୍ୟ କିଛି ନାହିଁ, ଯିଏ ମତେ ହିଁ ଭଲ ପାଏ, ଯିଏ ନିଜ ଜୀବନକୁ ମୋ ଜୀବନ ବୋଲି ଅନୁଭବ କରେ, ଏକ ନିଷ୍ଠ ଭାବେ ମତେ ହିଁ ଭକ୍ତି କରେ ମୋ ଚିନ୍ତାରେ କେବଳ ବୁଡ଼ି ରହେ ଏବଂ ମୋର ନାମ ଜପି ଚାଲେ ମୁଁ ତାର ସେବା କରିଥାଏ। ଜୀବନ କଣ ଏବଂ କେଉଁଠି ଏହାର ସ୍ଥିତି ସଂପର୍କରେ କେବଳ କହିଦେବା ଧର୍ମ ନୁହେଁ। ଧର୍ମ ରଚିତ ମାର୍ଗ ପ୍ରଦର୍ଶନ ସହିତ ସଠିକ ଭାବେ କିପରି ଦୈନନ୍ଦିନ ଜୀବନରେ ଦେଖାଯାଉଥିବା ସମସ୍ୟା ଗୁଡ଼ିକର ସମାଧାନ କରି ସଂସାରରେ ବାସ କରିବାକୁ ହେବ ତାହାର ଉଚିତ ଶିକ୍ଷା ମଧ୍ୟ ଦେଇଥାଏ। ସାଂସାରିକ ବିଷୟ ଭୋଗ ଏବଂ ଆଧ୍ୟାତ୍ମିକ ଆନନ୍ଦ କିପରି ସଫଳତାର ସହ ଲାଭ କରିବା ଘେନି ଯେଉଁ ଗୁପ୍ତ ତନ୍ତ୍ୱଟି ରହିଛି ତାହାର ବର୍ଣ୍ଣନା ମଧ୍ୟ କରାଯାଇଛି। ଆମର ଜୀବନ ଶକ୍ତି ମୁଖ୍ୟତଃ ତିନିଟି ମାର୍ଗରେ ବ୍ୟୟ ହୋଇଥାଏ। ପ୍ରଥମଟି ହେଉଛି ସମାଜରେ ବା ଜୀବନ ଯାନରେ ଆମର ଯେଉଁ ସ୍ଥିତି ରହିଛି ସେଥିରେ ଉନ୍ନତି କରିବାରେ ଏବଂ ଅଧିକ କିଛି ଲାଭ କରିବା ନିମନ୍ତେ ଆମେ ଶକ୍ତିର ବ୍ୟବହାର କରିଥାଉ। ଦ୍ୱିତୀୟଟି ହେଉଛି ଆମର ଯାହା ଅଛି ତାହା କିପରି ସୁରକ୍ଷିତ ହୋଇ ରହିବ ସେଥିନିମନ୍ତେ ମଧ୍ୟ ଶକ୍ତିର ବ୍ୟୟ କରିଥାଉ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମରିବାର ଭୟକୁ କିପରି ଦୂର କରାଯାଇପାରିବ ସେଥି ନିମନ୍ତେ ଅଧିକ ଶକ୍ତିର ବ୍ୟୟ କରିଥାଉ। ଯଦିଓ ଏସବୁ ହେଉଛି ଅଳିକ। ଘରଟିଏ ନିର୍ମାଣ କଲେ ତାହାର ସୁରକ୍ଷା ଏବଂ ଉନ୍ନମ ଭାବେ ତାହାର ବ୍ୟବହାର କିପରି କରାଯାଇପାରିବ ସେଥିନିମନ୍ତେ ଆମେ ବ୍ୟସ୍ତ ହେଉ। ଆମେ ଅର୍ଥ ଉପାର୍ଜନ କରୁ ଏବଂ ତାହାକୁ କିପରି ସୁରକ୍ଷିତ ଭାବେ ରଖିବୁ ସେଥି ନିମନ୍ତେ କାର୍ଯ୍ୟ କରୁ। ଏସବୁ ଅଳିକ। ଏହା ସତ୍ତ୍ୱେ ଏଥିନିମନ୍ତେ ଆମେ ଆରମର ଶକ୍ତି, ସମୟ ଏବଂ ଚିନ୍ତା ସବୁ ବ୍ୟୟ କରିଥାଉ। ଏଥିନିମନ୍ତେ ଆମକୁ ବାରମ୍ବାର ମର୍ତ୍ତ୍ୟରେ ଜନ୍ମ ନେବାକୁ ପଡ଼େ। ଯଦି ଏ ସବୁଠାରୁ ଧ୍ୟାନକୁ ଟାଣି ଆଣି କେବଳ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ସବୁ ଶକ୍ତି ଏବଂ ସମୟର ବ୍ୟୟ କରାଯିବ ତାହାଲେ ସଂସାର ସାଗରରୁ ମୁକ୍ତି ମିଳିବ। ଏହା ନକରି ଆଧ୍ୟାତ୍ମିକ ଜ୍ଞାନ ଅର୍ଜନ ବେଳେ ଆମେ ଯଦି ଭାବୁ ଯେ ଈଶ୍ୱର ଆରାଧନାରେ ସବୁ ସମୟ ଦେଇ ଦେଲେ ମୋର ସାଂସାରିକ ସାମଗ୍ରୀ ଗୁଡ଼ିକ କିପରି ସୁରକ୍ଷିତ ରହିବ ? ତାହାର ସୁରକ୍ଷା ମଧ୍ୟ ଏକ କର୍ତ୍ତବ୍ୟ। ଏଥିରୁ କିପରି ମୁଁ ନିଜକୁ ଦୂରେଇ ରଖିପାରିବି ? ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - 'ଯିଏ ମୋ ପ୍ରତି ନିଜର ମନକୁ ସଂପୂର୍ଣ୍ଣ ଭାବେ ସମର୍ପଣ କରିଦିଏ ତାହାର ସବୁ କିଛି ମୁଁ ବୁଝେ'। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି 'ଯିଏ ପ୍ରକୃତ ଭକ୍ତ ସେ ମୋ ବ୍ୟତୀତ ଆଉ କିଛି ଦେଖେ ନାହିଁ କିମ୍ବା ଆଉ କାହାରିକୁ ପ୍ରାର୍ଥନା କରେ ନାହିଁ। ପରମାତ୍ମାଙ୍କ ସହିତ ଯିଏ ନିଜକୁ ସଂପୂର୍ଣ୍ଣ ଭାବେ ଲିପ୍ତ କରିଦିଏ ତାହାର ଆଉ କିଛି ଭୟ ରହେ ନାହିଁ।' ସଂସାର ମଧ୍ୟରେ ଯିଏ ଝାଳନାଳ ହୋଇ ଖଟି ଚାଲିଥାଏ ସିଏ ନିଜର ମନକୁ ବଝାଇ କୁହେ ଯେ ସଂସାରରେ ସେ ସଫଳତା ଲାଭ କରିବାରେ ସକ୍ଷମ ହୋଇଛି। ମନରେ ଯଦି ସଂକଳ୍ପ ଦୃଢ଼ ଥାଏ ଏବଂ ଲକ୍ଷ୍ୟ ନିର୍ଦ୍ଦିଷ୍ଟ ଥାଏ ତେବେ ସଫଳତା ଲାଭ ନିଶ୍ଚୟ ହୁଏ। କିନ୍ତୁ ଦୁଃଖ ହେଉଛି ଯେ ସାଧାରଣ ମଣିଷ ନିଜର ଲକ୍ଷ୍ୟ ସ୍ଥିର ରଖିପାରେ ନାହିଁ। ତାହାର ସଂକଳ୍ପରେ ମଧ୍ୟ ଦୋଦୁଲ୍ୟମାନ ଦେଖାଯାଏ। ଏପରି ବ୍ୟକ୍ତି ପକ୍ଷରେ ସଫଳତା ସମ୍ଭବ ହୁଏନାହିଁ। ଆମର ଗୋଟେ ଭ୍ରାନ୍ତ ଧାରଣା ରହିଛି ଯେ କାର୍ଯ୍ୟକ୍ରମ ଦ୍ୱାରା କିଛି ସାଧିତ ହୋଇଥାଏ। କେବଳ ଚିନ୍ତା ଦ୍ୱାରା କାର୍ଯ୍ୟ ସାଧନ ହୋଇନଥାଏ। ଆମେ ଭୁଲିଯିବା ଉଚିତ ନୁହେଁ ଯେ ଆମର ଯେଉଁ କାର୍ଯ୍ୟକ୍ରମ ତାହାର ଚିନ୍ତା ପ୍ରଥମେ କରାଯାଏ। ଯଦି ଚିନ୍ତାଧାରାରେ ବିଭ୍ରାଟ ହୁଏ ତେବେ ସବୁ କିଛି ଓଲଟପାଲଟ ହୋଇଯାଏ। ସଂକଳ୍ପବଦ୍ଧ ବ୍ୟକ୍ତିଙ୍କର ଚିନ୍ତାଧାରାରେ ବିକ୍ଷିପ୍ତତା ନଥାଏ। ଏହା ଲକ୍ଷ୍ୟ ହାସଲରେ ସାହାଯ୍ୟ କରିଥାଏ। ଏପରି ବ୍ୟକ୍ତିଙ୍କୁ ସଫଳତା ମିଳିଥାଏ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତିନିଟି ପରାମର୍ଶ ଦେଇଛନ୍ତି। 'ପ୍ରଥମଟି ହେଉଛି ଇଚ୍ଛା ଏବଂ ବିଚାରରେ ଦୃଢ଼ତା। ଦ୍ୱିତୀୟଟି ହେଉଛି ଯାହା ହାସଲ କରିବାକୁ ଚାହୁଁଛେ ସେଥିପ୍ରତି ଏକାଗ୍ରତା। ଏବଂ ତୃତୀୟଟି ହେଉଛି ଉଲ୍ଲେଖନୀୟ ସଫଳତା ହାସଲ ନିମନ୍ତେ ଆତ୍ମ ନିୟନ୍ତ୍ରଣ। ଆତ୍ମନିୟନ୍ତ୍ରଣର ଅଭାବ ଯୋଗୁଁ ଆମେ ବାରମ୍ବାର ନିଜର ଲକ୍ଷ୍ୟରେ ପରିବର୍ତ୍ତନ କରିଥାଉ।' ଅନେକ ସମୟରେ ଏଇଥିପାଇଁ ଆମେ ନିଜ ସହିତ ବିଶ୍ୱାସଘାତକତା କରି ଭିନ୍ନ କାର୍ଯ୍ୟରେ ଧ୍ୟାନ ଦେଇଥାଉ। ଯଦି ପ୍ରଭୁ ଦେଇଥିବା ତିନିଟି ପରାମର୍ଶକୁ ଆମେ ନିଷ୍ଠାର ସହିତ ପାଳନ କରିବା ତେବେ ପରମାତ୍ମା ଆମକୁ ପ୍ରାପ୍ତି ମାର୍ଗରେ ନେଇଯିବେ। ଲକ୍ଷ୍ୟ ହାସଲ ନିମନ୍ତେ ଆମେ ବିବ୍ରତ ହେବାର ପ୍ରଶ୍ନ ଉଠୁନାହିଁ। କାରଣ ଆମର ସୁରକ୍ଷା ହେଉଛି ତାଙ୍କର ଦାୟିତ୍ୱ।

# ଚକମକର ଝିଲିମିଲି ଧଳା ଆଲୁଅ ନେଉଛି ଜୀବନ

## ଡକ୍ଟର ରାଜକିଶୋର ମିଶ୍ର

ଆଜିକାଲି ପ୍ରାୟତଃ ରାତି ସମୟରେ ଘରୋଇ, ପାରିବାରିକ, ସାମାଜିକ ବିଭିନ୍ନ ଆଧ୍ୟାତ୍ମିକ ସଂଗଠନ ଓ ରାଜନୈତିକ ଅନୁଷ୍ଠାନମାନେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ଆମ ଆଲୋଚନାର ପ୍ରଥମ କେନ୍ଦ୍ରବିନ୍ଦୁ ହେଉ, ବିବାହ ବରଯାତ୍ରୀରେ ଯାଉଥିବା ଝିଲିମିଲି ବିଭିନ୍ନ ପ୍ରକାର ଆଖିକୁ ଜଳକା କରିଦେଉଥିବା ଆଲୁଅ ସବୁ, ସେହିପରି ବିଭିନ୍ନ ମେଢ଼ ଶୋଭାଯାତ୍ରା ଠାରୁ ରାଜନୈତିକ ଦଳ ମାନଙ୍କର ଲମ୍ବା ଲମ୍ବା ପଟୁଆର ଯଦି ରାତି ସମୟରେ ଆଉ ସେ ପୁଣି ସହରର ଜନବହୁଳ ଅଚଂଳରେ ହୁଏ ତେବେ ଏ ଝିଲିମିଲି ଧଳା ଆଲୁଅ ଯେ କେତେ ଭୟାନକ, କେତେ ବିପଦ ସୃଷ୍ଟି କରିପାରେ ? ଅନେକ ପ୍ରତ୍ୟେକ୍ଷ କରିଥିବେ। ନିକଟରେ ବିଶ୍ୱ ଜୈବ ବିବିଧତା ଦିବସ ପାଳନ ହୋଇଛି। ଆଜିକା ସମୟରେ ଜୈବ ବିବିଧତା ସମ୍ପର୍କରେ ଅନେକଙ୍କର ଧାରଣା ମଧ୍ୟ ନାହିଁ। ଆପଣ ଟିକିଏ ମନେ ପକାନ୍ତୁ। ଦିନଥିଲା ପଲ ପଲ ବାଦୁଡ଼ି ଆଉ ପେଚା ବଂଶ ଅନେକ ଉତ୍ପାତ କରୁଥିଲେ। ଜୁଳୁଜୁଳିଆ ପୋକ ଆମ ନିତିଦିନିଆ ଜୀବନର ଏକ ବାଲ୍ୟ ସାଥି କହିଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ଝିଟିଂକା, କାଇ ଏବଂ ବିଭିନ୍ନ ପ୍ରକାର ପୋକ ପ୍ରାୟତଃ ଆଉ ଦିଶୁ ନାହାଁନ୍ତି। ରାତି ହେଲେ କୀଟପତଙ୍ଗ ଦିନଥିଲା ଆମ ମାନଙ୍କ ଜୀବନ ସ୍ମୃତିରେ ଏକ ବଡ଼ ଅଂଶୀଦାର ଥିଲେ ସେମାନେ। ଏବେ ସେମାନଙ୍କୁ କେତେଜଣ ଆଉ ଦେଖୁଛନ୍ତି ? ରାତି ହେଲେ ସେଇ କୀଟପତଙ୍ଗମାନେ ଆଉ ପୂର୍ବପରି ଦିଶୁ ନାହାଁନ୍ତି। ସେମାନଙ୍କର ପ୍ରଜନନ କମୁଛି ସେହିପରି ପକ୍ଷୀ ମାନଙ୍କର ହରମୋନ ସନ୍ତୁଳନ ଦିଗହରା ହୋଇ ଅନେକ ପକ୍ଷୀ ଗର୍ଭ ଧାରଣ ମଧ୍ୟ କରିପାରୁନାହିଁ। ସହରରେ ଥିବା ବସା ଭିତରେ ସେମାନେ ଟିକିଏ ଶାନ୍ତିରେ ବି ଶୋଇ ପାରୁନାହାଁନ୍ତି। ଉଦ୍ଭିଦଜଗତର ପରାଗ ସଙ୍ଗମ ଯାହାକି ଆମ ନିତିଦିନିଆ ଜୀବନ ସହ ଭୌଗୋଳିକ ଓ ପରିବେଶ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ତାହା ମଧ୍ୟ ବିପନ୍ନ ହେବାକୁ ବସିଲାଣି। ଯାହାଦ୍ୱାରା ଖାଦ୍ୟ ଶୃଙ୍ଖଳ ବିପନ୍ନ, ଏଣେ ଇରାନ-ଆମେରିକା ଗଲ୍ଫ ଯୁଦ୍ଧରେ ଟଙ୍କାର ତଳ ମୁହାଁ ପରିସ୍ଥିତି। ସହରୀ ଚକମକ ଆଲୁଅ ଏ କୀଟପତଙ୍ଗ ପାଇଁ ନିରବ ବିପଦ। ଅନେକ ଜାଣିନଥିବେ ସହରରେ ବା ବିଭିନ୍ନ ସ୍ଥାନରେ ଯେଉଁ ବଡ଼ ବଡ଼ ଉଚ୍ଚ ଆଲୋକ ସମ୍ପନ୍ନ ଏଲଇଡ଼ି, ହାଇମାକ୍ସ, ଷ୍ଟ୍ରିଟ ଲାଇଟ ତିଆରି ହୋଇଛି ଏହା ଜୈବ ବିବିଧତା ଓ ଆମେ ଆଲୋଚନା କରୁଥିବା ଛୋଟମୋଟ କ୍ଷୁଦ୍ର ପ୍ରାଣୀ ଜଗତ। ଏମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ। ସହରାଂଚଳ ଆକାଶର ଚକମକି ଆଲୋକ ସେମାନଙ୍କ ଅନ୍ଧାରକୁ ଉଭାନ କରିଦେଉଛି। ସେମାନଙ୍କ ପାଇଁ ଏହା ଭୟାନକ କାଳ। ଗବେଷଣା ସଂସ୍ଥା ଦିନକ ଭିତରେ ଲାଇଟ ପଲ୍ୟୁସନ ମ୍ୟାପର ଯାହା ତଥ୍ୟ ଉଲ୍ଲେଖ ରହିଛି ପ୍ରାକୃତିକ ରାତିର ଅନ୍ଧାର ବଦଳରେ ଦ୍ୱୈତ ନଗରୀ ଭୁବନେଶ୍ୱରର ନୂଆ ଆଇଟି ଜୋନ ଭାବେ ପରିଚିତ ଚନ୍ଦ୍ରଶେଖରପୁର, ପଟିଆ, ଇନଫୋସିଟି ଆଖପାଖ ଅଚଂଳ ପ୍ରାୟ ୨୭ଶହ ପ୍ରତିଶତ ଅଧିକ ଉଜ୍ଜ୍ୱଳ ରହୁଛି ଯେଉଁଠି ନିକଟବର୍ତ୍ତୀ ଚନ୍ଦକା ଅଭ୍ୟାରଣ୍ୟର ସର୍ବନିମ୍ନ ୩୦୦% ରହୁଛି। ତେବେ କେବଳ ଭୁବନେଶ୍ୱରରେ ନୁହେଁ ଅନ୍ୟତମ ବଡ଼ ସହର କଟକ, ଅନୁଗୁଳ, ତାଳଚେର, ବ୍ୟାସନଗର, ବ୍ରହ୍ମପୁର ପ୍ରମୁଖ ଅଚଂଳରେ ଆଲୋକ ଜନିତ କୃତ୍ରିମ ରାତ୍ରିରେ ଉଜ୍ଜ୍ୱଳତା ଖୁବ ବଢ଼ାଇ ଦେଉଛି। ତେବେ କୀଟ ବିଜ୍ଞାନ ପରିଷଦରୁ ସ୍ପଷ୍ଟ ହୋଇଛି ଯେ ପ୍ରକୃତରେ କୀଟପତଙ୍ଗମାନେ ଅତ୍ୟଧିକ ଆଲୋକ ବିକିରଣ ଯୋଗୁଁ ଭୁଲ ଦିଗରେ ଆସି ମରିଥାନ୍ତି ଏହା କ୍ରମଶଃ ବୃଦ୍ଧି ପାଉଛି ଯାହାକି ଚିନ୍ତା ଜନକ। ସେମାନଙ୍କ ତଥ୍ୟ ଅନୁଯାୟୀ ରାତିଚର ପ୍ରାଣୀ କୁହାଯାଉଥିବା ଏହି କୀଟପତଙ୍ଗ ଚନ୍ଦ୍ରକୁ ପଛକରି ଯାତାୟତ କରନ୍ତି। ଏହା ସେମାନଙ୍କ ଦିଗକୁ ନିରୂପିତ କରିଥାଏ। ତେବେ ସହରର ବଡ଼ ବଡ଼ ଉଚ୍ଚକ୍ଷମତା ସମ୍ପନ୍ନ ଷ୍ଟ୍ରିଟ ଲାଇଟ ଅଧିକ ଉଜ୍ଜ୍ୱଳ ଦିଶୁଥିବାରୁ ସେମାନେ ତାହାକୁ ଚନ୍ଦ୍ର ମନେକରି ଭୁଲରେ ସେ ଦିଗକୁ ଆକର୍ଷିତ ହୋଇଥାନ୍ତି। ପୁରୁଷ କୀଟପତଙ୍ଗ ଏ କ୍ଷେତ୍ରରେ ଅଧିକ ଶିକାର ହୋଇଥାନ୍ତି। ଏହି ଉଜ୍ଜ୍ୱଳ ଆଲୋକକୁ ସାମ୍ନା କରି ସେମାନେ ଦୁର୍ବଳ ହୋଇପଡ଼ିଥାନ୍ତି, ସେମାନଙ୍କୁ ଆହାର ସଂଗ୍ରହ କରିବାକୁ ଭଲ ଲାଗିନଥାଏ ଏପରିକି ନିଜ ସାଥୀ ସହ ମିଳନ ଇଚ୍ଛୁକ ହୋଇନଥାନ୍ତି ଯାହା ସେମାନଙ୍କ ପ୍ରଜନନ ସଂଖ୍ୟା କମାଉଛି। ଉଜ୍ଜ୍ୱଳ ଆଲୋକ ବ୍ୟାପକ ଭାବରେ କୀଟପତଙ୍ଗ ମାନଙ୍କୁ କେବଳ ଦୁର୍ବଳ କରୁନି ସେମାନଙ୍କ ଜୀବନ ନେଉଛି। କୀଟପତଙ୍ଗ ସଂଖ୍ୟା ହ୍ରାସ ଯୋଗୁଁ ଗଛପତ୍ରର ପରାଗ ସଙ୍ଗମ ପ୍ରଭାବିତ ହେଉଛି। ଏମିତି ହେଲେ ଜୀବଜଗତର ଖାଦ୍ୟ ପ୍ରକ୍ରିୟା ଶୃଙ୍ଖଳା ପ୍ରଭାବିତ ହେବ। ଜଙ୍ଗଲର ଜୈବ ବିବିଧତା ମଧ୍ୟ ଏହାଦ୍ୱାରା ନଷ୍ଟ ହେବ। ବିଭିନ୍ନ ବର୍ଜ୍ୟ ଓ ପଚାଷଢ଼ା ଜିନିଷର ବିଘଟନ ପ୍ରକ୍ରିୟା ବିଳମ୍ବିତ ହେବ। ତେଣୁ ଧଳାଷ୍ଟ୍ରିଟ ଲାଇଟ ବଦଳରେ ହଳଦିଆ ରଙ୍ଗର ଏଲଇଡ଼ି ଲାଇଟ ଲଗାଇଲେ କୀଟପତଙ୍ଗ ମାନଙ୍କ ଉପରେ କମ ପ୍ରଭାବ ପକାଇବ।ଏହା ନିଃନ୍ଦେହ ହାଇମାକ୍ସର ଅତ୍ୟଧିକ ଆଲୋକ ପକ୍ଷୀ ବଂଶକୁ ପ୍ରଭାବିତ କରୁଛି। ପକ୍ଷୀଙ୍କ ଜୀବନଶୈଳୀ, ନିଦ୍ରା, ପ୍ରଜନନରେ ଏହା ପ୍ରଭାବ ପକାଉଛି। ରାତିର ଅନ୍ଧାରରେ ଖାଦ୍ୟ ସଂଗ୍ରହ କରୁଥିବା ପେଚା ମାନେ ଅତ୍ୟଧିକ ଆଲୋକିକରଣ ଯୋଗୁଁ ସହର ଠାରୁ ଦୂରେଇ ଯାଉଛନ୍ତି। ମୂଷା ଚୁଚୁନ୍ଦ୍ରା ଅଧିକ ଅତ୍ୟଧିକ ଆଲୋକ ଯୋଗୁଁ ଖାଦ୍ୟ ସଂଗ୍ରହ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜୈବ ବିବିଧତାର ରକ୍ଷା ପାଇଁ ହଳଦିଆ ରଙ୍ଗ ବା ସେମାନଙ୍କୁ ପ୍ରଭାବିତ କରୁନଥିବା ରଙ୍ଗ ଦେବା ସହ ଆମ୍ଭେମାନେ କିପରି ଉଚ୍ଚ ଆଲୋକମାଳା ସବୁ ନ ଆଲୋକିତ କରିବାର ମାନସିକତା ରଖିବା ଏହା ହିଁ ହୋଇପାରେ ସମାଜ ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱବୋଧ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ଦୁଇ ମାସ ଧରି କୃଷି ପରାମର୍ଶ କେନ୍ଦ୍ରରେ ତାଲା

## ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଦୁଇଥର ଆକସ୍ମିକ ପରିଦର୍ଶନ

ଝାରସୁଗୁଡ଼ା,୨୮/୧୦ (ନି/ପ୍ର):ଦୀର୍ଘ ଦୁଇ ମାସ ଧରି କୃଷି ଅଧିଦର୍ଶିକାଙ୍କ ନିୟମିତ ଅନୁପସ୍ଥିତି ଯୋଗୁଁ ଭିକମପାଲି ଗ୍ରାମ ପଂଚାୟତସ୍ଥିତ କୃଷି ପରାମର୍ଶ କେନ୍ଦ୍ରରେ ତାଲା ଝୁଲୁଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ସ୍ଥାନୀୟ ଚାଷୀମାନେ କୃଷି ସମ୍ପର୍କିତ ଆବଶ୍ୟକ ପରାମର୍ଶ ଓ ସରକାରୀ ସେବା ପାଇବାରୁ ବଂଚିତ ହେଉଛନ୍ତି। ଚାଷୀଙ୍କ ଲିଖିତ ଅଭିଯୋଗ ପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜି. ଜୈନ ଦୁଇଥର ଆକସ୍ମିକ ପରିଦର୍ଶନ କରି କର୍ମଚାରୀଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ଭିକମପାଲି ପଂଚାୟତରେ କାର୍ଯ୍ୟରତ କୃଷି ଅଧିଦର୍ଶିକା ନିୟମିତ କାର୍ଯ୍ୟାଳୟକୁ ଆସୁ ନଥିବାରୁ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏନେଇ ଗତ ୨ ତାରିଖରେ ସରପଂଚ, ସମିତି ସଭ୍ୟା ଓ ସ୍ଥାନୀୟ ଚାଷୀମାନେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଶ୍ରୀ ଜୈନ ଗତ ୧୪ ତାରିଖରେ ଅତାବିରା ପଂଚାୟତର ଡୁମେରଢିପା ଏବଂ ୨୧ ତାରିଖରେ ଭିକମପାଲି କୃଷି ପରାମର୍ଶ କେନ୍ଦ୍ର ପରିଦର୍ଶନ କରିଥିଲେ। ଉଭୟ ଦିନ ସମ୍ପୃକ୍ତ କୃଷି ଅଧିଦର୍ଶିକା ଅନୁପସ୍ଥିତ ଥିବା ସେ ସୂଚନା ଦେଇଛନ୍ତି। ପୂର୍ବରୁ ଭିକମପାଲିରେ କାର୍ଯ୍ୟରତ କୃଷି ଅଧିଦର୍ଶିକା ଗୋପିକା ନାଏକଙ୍କ ଗତ ଅଗଷ୍ଟ ମାସରେ ସୋନପୁର ଜିଲ୍ଲାର ତରଭା ବ୍ଲକକୁ ବଦଳି ହେବା ପରେ ପୂର୍ଣ୍ଣିମା ଛତ୍ରିଆ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ଦାୟିତ୍ୱ ଗ୍ରହଣର ଦୁଇ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ସେ ନିୟମିତ କାର୍ଯ୍ୟାଳୟରେ ଉପସ୍ଥିତ ରହୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଖରିଫ ଧାନ ଓ ପନିପରିବା ଚାଷରେ ରୋଗପୋକ ନିୟନ୍ତ୍ରଣ, ଫସଲର ଯତ୍ନ ଏବଂ ଅମଳ ସମ୍ପର୍କିତ ପରାମର୍ଶ ଚାଷୀଙ୍କ ପାଇଁ ଅତ୍ୟନ୍ତ ଜରୁରୀ। ଏଭଳି ସମୟରେ କୃଷି ପରାମର୍ଶ କେନ୍ଦ୍ର ବନ୍ଦ ରହିବା ଚାଷୀଙ୍କ ଚିନ୍ତା ବଢ଼ାଇଛି। ତେଣୁ କୃଷି କର୍ମଚାରୀଙ୍କ ନିୟମିତ ଉପସ୍ଥିତି ସୁନିଶ୍ଚିତ କରିବା ସହ ଚାଷୀଙ୍କୁ ସମୟୋଚିତ ପରାମର୍ଶ ଓ ସରକାରୀ ସେବା ଯୋଗାଇ ଦେବାକୁ ଅଂଚଳବାସୀ ଦାବି କରିଛନ୍ତି। ଏହି ଅଭିଯୋଗ ଉପରେ କୃଷି ବିଭାଗ କି ପଦକ୍ଷେପ ଗ୍ରହଣ କରୁଛି, ତାହାକୁ ଏବେ ଚାଷୀମାନେ ଅପେକ୍ଷା କରିଛନ୍ତି।

## ମୋଟ ୨୦ଟି ଅଭିଯୋଗ ପଞ୍ଜୀକୃତ, ୨ଟିର ତୁରନ୍ତ ସମାଧାନ, ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ

ଝାରସୁଗୁଡା,୨୮/୧୦ (ନି/ପ୍ର):ଲଇକେରା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଉପସ୍ଥିତ ରହି ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ପତ୍ର ଗ୍ରହଣ କରିବା ସହ ସେଗୁଡ଼ିକର ତ୍ୱରିତ ତଥା ନ୍ୟାୟସଙ୍ଗତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଲାଇକେରା ବିଡ଼ିଓ ଜର୍ଜ ଡୁଙ୍ଗଡୁଙ୍ଗଙ୍କ ସମେତ ସମସ୍ତ ବ୍ଲକ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ମୋଟ ୨୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରୁ ୧୪ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ରହିଥିଲା। ଶୁଣାଣି ବେଳେ ୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।

## ସତର୍କତା ସଚେତନତା ସପ୍ତାହରେ ଏସବିଆଇ ପକ୍ଷରୁ ୱାକାଥନ୍




ସମ୍ବଲପୁର,୨୮/୧୦ (ନି/ପ୍ର): ସତର୍କତା ସଚେତନତା ସପ୍ତାହ-୨୦୨୬ ଅବସରରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସମ୍ବଲପୁର ପ୍ରଶାସନିକ କାର୍ଯ୍ୟାଳୟ ପକ୍ଷରୁ ସୋମବାର ସକାଳେ ଏକ ୱାକାଥନ୍ ଆୟୋଜିତ ହୋଇଥିଲା। "ସମୃଦ୍ଧି ପାଇଁ ସାଧୁତା" ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ପଦଯାତ୍ରାରେ ସାର୍ବଜନୀନ ଜୀବନରେ ସଚ୍ଚୋଟତା, ସ୍ୱଚ୍ଛତା, ଉତରଦାୟିତ୍ୱ ଓ ନୈତିକ ଆଚରଣର ଗୁରୁତ୍ୱ ସମ୍ପର୍କରେ ପ୍ଲାକାର୍ଡ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା। ଏସବିଆଇର ଅଧିକାରୀ ଓ କର୍ମଚାରୀମାନେ ସମ୍ବଲପୁର ଜେଲ୍ ଛକରୁ ଉତ୍ସାହର ସହ ୱାକାଥନ୍‌ରେ ବାହାରି ସହର ପରିକ୍ରମା କରିଥିଲେ। ଏହି ଅବସରରେ ସେମାନେ ବୃତିଗତ ଓ ବ୍ୟକ୍ତିଗତ ଜୀବନରେ ନୈତିକ ମୂଲ୍ୟବୋଧ ଏବଂ ସଚ୍ଚୋଟତାର ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ଶପଥ ନେଇଥିଲେ। ଏପରି ସଚେତନତାମୂଳକ ପଦକ୍ଷେପ ମାଧ୍ୟମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପ୍ରତିରୋଧକ ସତର୍କତା, ସୁଶାସନ ଏବଂ ସ୍ୱଚ୍ଛ ଓ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟସଂସ୍କୃତିର ପ୍ରୋତ୍ସାହନ ପ୍ରତି ନିଜର ପ୍ରତିବଦ୍ଧତା ଜଣାଇଛି। ଉପମହାପ୍ରବନ୍ଧକ ଶ୍ରୀ ନାରାୟଣ ପ୍ରସାଦଙ୍କ ସମେତ ଅନ୍ୟ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ।

## ସତର୍କତା ସଚେତନତା ସପ୍ତାହ ଅବସରରେ ସମ୍ବଲପୁର ମଣ୍ଡଳର କର୍ମଚାରୀଙ୍କ ଶପଥ ଗ୍ରହଣ




ସମ୍ବଲପୁର,୨୮/୧୦(ନି/ପ୍ର):ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ପକ୍ଷରୁ ୨୦୨୬ ମସିହାର ସତର୍କତା ସଚେତନତା ସପ୍ତାହର ଶୁଭାରମ୍ଭ ଅବସରରେ ସମ୍ବଲପୁରସ୍ଥିତ ଡିଆରଏମ୍ କାର୍ଯ୍ୟାଳୟ ପରିସରର ପ୍ରଗତି ଧାରାଠାରେ ସତ୍ୟନିଷ୍ଠା ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ସୁବାଷ ଚନ୍ଦ୍ର ଚୌଧରୀ ମଣ୍ଡଳର ଅଧିକାରୀ ଓ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠାର ଶପଥ ପାଠ କରାଇଥିଲେ। ସମସ୍ତ ସରକାରୀ କାର୍ଯ୍ୟକଳାପରେ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ସହ ସତ୍ୟନିଷ୍ଠା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃ ଦୃଢ଼ କରିବା ଏହି ଶପଥର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସମାରୋହରେ ଅଂଶଗ୍ରହଣ କରି ଅଧିକାରୀ ଓ କର୍ମଚାରୀମାନେ ଉଚ୍ଚତମ ନୈତିକ ମାନଦଣ୍ଡ ବଜାୟ ରଖିବା, ସାର୍ବଜନୀନ ସେବାରେ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ନୀତି ନିବାରଣ ଦିଗରେ ସକ୍ରିୟ ଯୋଗଦାନ କରିବାକୁ ଶପଥ ନେଇଥିଲେ। ୨୦୨୬ ମସିହାର ସତର୍କତା ସଚେତନତା ସପ୍ତାହ ଅକ୍ଟୋବର ୨୬ରୁ ନଭେମ୍ବର ୧ ପର୍ଯ୍ୟନ୍ତ ପାଳନ କରାଯାଉଛି। ସାଧାରଣ ଜୀବନରେ ନିଷ୍ଠା, ନୈତିକ ଆଚରଣ ଓ ଉତରଦାୟିତ୍ୱର ଗୁରୁତ୍ୱ ସମ୍ପର୍କରେ ସଚେତନତା ବଢ଼ାଇବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

## ପିଇଓ ଙ୍କୁ ଖୃଣ୍ଡା ପଚାଂୟତରେ ପୁନଃ ନିଯୁକ୍ତିକୁ ବିରୋଧ, ଅନଶନ ଚେତାବନୀ ଦେଲେ ଗ୍ରାମବାସୀ



ସମ୍ବଲପୁର,୨୮/୧୦ (ନି/ପ୍ର):: ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଖୃଣ୍ଡା ଗ୍ରାମପଚାଂୟତରେ ପଚାଂୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ନାଥଙ୍କ ପୁନଃ ଅବସ୍ଥାପନକୁ ନେଇ ସ୍ଥାନୀୟ ଅଚଂଳରେ ତୀବ୍ର ବିରୋଧ ପ୍ରକାଶ ପାଇଛି। ତାଙ୍କୁ ଖୃଣ୍ଡା ପଚାଂୟତକୁ ବଦଳି ନ କରିବା ଦାବିରେ ଖୃଣ୍ଡା ବରିଷ୍ଠ ନାଗରିକ ପରିଷଦ ତଥା ଗ୍ରାମବାସୀଙ୍କ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ସମ୍ବଲପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଅନୁସାରେ, ନାଥ ପୂର୍ବରୁ ଦୀର୍ଘ ୧୦ ବର୍ଷରୁ ଅଧିକ ସମୟ ଧରି ଖୁଣ୍ଡା ପଚାଂୟତରେ ସମ୍ପାଦକ ପଦରେ କାର୍ଯ୍ୟ କରିଥିଲେ, ମାତ୍ର ତାଙ୍କ କାର୍ଯ୍ୟଶୈଳୀରେ ଗ୍ରାମବାସୀ ଆଦୌ ସନ୍ତୁଷ୍ଟ ନଥିବା ବେଳେ ସେହି ସମୟରେ ତାଙ୍କ ବିରୋଧରେ ବହୁ ଅଭିଯୋଗ ରହିଥିଲା। ବର୍ତ୍ତମାନ ସେ ବଦଳି ହୋଇ ପୁଣିଥରେ ରେଙ୍ଗାଲି ବ୍ଲକକୁ ଫେରିଆସିବା ପରେ ବିଭିନ୍ନ ମହଲରୁ ଚାପ ପ୍ରୟୋଗ କରି ଖୃଣ୍ଡା ପଚାଂୟତରେ ଯୋଗ ଦେବା ପାଇଁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ଏହା ସହିତ ସେ ଅବିଭକ୍ତ ଖୃଣ୍ଡା ଓ ଠେଲକୋଲୋଇ ଗ୍ରାମପଚାଂୟତର ସ୍ଥାୟୀ ବାସିନ୍ଦା ହୋଇଥିବା ବେଳେ ଏବେ ମଧ୍ୟ ଉଭୟ ପଚାଂୟତ ପାଇଁ ଗୋଟିଏ ସାଧାରଣ ବଂଟନ ବ୍ୟବସ୍ଥା ରହିଥିବାରୁ ନିୟମ ଅନୁସାରେ ହୋମ୍ ପଚାଂୟତରେ ତାଙ୍କ ନିଯୁକ୍ତି ଯଥାର୍ଥ ନୁହେଁ ଏବଂ ସରକାରୀ ଚାକିରିରେ ଥାଇ ସେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ କରୁଥିବା ଗ୍ରାମବାସୀ ଦର୍ଶାଇଛନ୍ତି। ପ୍ରଶାସନ ଯଦି ଗ୍ରାମବାସୀଙ୍କ ଏହି ଅନୁରୋଧକୁ ଅଣଦେଖା କରି ତାଙ୍କୁ ଖୃଣ୍ଡା ପଚାଂୟତରେ ଅବସ୍ଥାପିତ କରେ, ତେବେ ରେଙ୍ଗାଲି ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଆମରଣ ଅନଶନ କରିବାକୁ ବାଧ୍ୟ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଏନ୍‌ଏଚ୍-୪୯ରେ ବର୍ଜ୍ୟ ଗୁଣ୍ଡର ଆସ୍ତରଣ, ଅଣନିଶ୍ୱାସୀ କୋଲାବିରାବାସୀ

ଝାରସୁଗୁଡ଼ା,୨୮/୧୦(ନି/ପ୍ର): ଜାତୀୟ ରାଜପଥ-୪୯ରେ କୋଲାବିରା ଦେଇ ଖୋଲା ହାଇୱାରେ କାରଖାନାର ବର୍ଜ୍ୟ ଗୁଣ୍ଡ ପରିବହନ ଯୋଗୁଁ ସ୍ଥାନୀୟ ଅଂଚଳରେ ଧୂଳି ପ୍ରଦୂଷଣ ବଢ଼ିବା ସହ ଜନଅସନ୍ତୋଷ ତୀବ୍ର ହୋଇଛି। ଝାରସୁଗୁଡ଼ା ଜିଲ୍ଲାର ଏକ ବୃହତ୍ କାରଖାନାରୁ ସୁନ୍ଦରଗଡ଼ ଜିଲ୍ଲାର ବଣେଇ ଅଂଚଳକୁ ୫୦ରୁ ଊର୍ଦ୍ଧ୍ୱ ଭାରୀଯାନରେ ବର୍ଜ୍ୟ ଗୁଣ୍ଡ ବେଆଇନ ଭାବେ ପରିବହନ କରାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ନିୟମ ଉଲ୍ଲଂଘନ କରି ଖୋଲା ଡାଲା ଥିବା ହାଇୱାରେ ବର୍ଜ୍ୟ ଗୁଣ୍ଡକୁ କେବଳ ପାଲ ଘୋଡ଼ାଇ ପରିବହନ କରାଯାଉଛି। ଫଳରେ ରାସ୍ତାରେ ଯିବା ସମୟରେ ବର୍ଜ୍ୟ ଗୁଣ୍ଡ ଖସିପଡ଼ି ବିଭିନ୍ନ ସ୍ଥାନରେ ଗଦା ହୋଇ ରହୁଛି। ଏହାସହ ପବନରେ ଗୁଣ୍ଡ ଉଡ଼ି ପରିବେଶକୁ ପ୍ରଦୂଷିତ କରିବା ସହ ଯାତ୍ରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି। କୋଲାବିରା ନିକଟ ବଡ଼ବାହାଲ ଛକରେ ଏହି ସମସ୍ୟା ଅଧିକ ଗମ୍ଭୀର ହୋଇଛି। ସେଠାରେ ପ୍ରବୀର ପଟେଲଙ୍କ ଦୋକାନ ସମ୍ମୁଖରେ ବର୍ଜ୍ୟ ଗୁଣ୍ଡ ଗଦା ହୋଇ ରହୁଥିବାରୁ ପବନରେ ତାହା ଉଡ଼ି ଦୋକାନ ଭିତରକୁ ପଶୁଥିବା ସେ ଅଭିଯୋଗ କରିଛନ୍ତି। ଏଥିଯୋଗୁଁ ଦୋକାନରେ ବସିବା ଓ ବ୍ୟବସାୟ କରିବା କଷ୍ଟକର ହୋଇପଡ଼ିଛି। ସୋମବାର ସକାଳେ ଅନ୍ୟ କୌଣସି ଉପାୟ ନପାଇ ପ୍ରବୀର ପଟେଲ ନିଜେ ପାଇପ୍ ଯୋଗେ ରାସ୍ତା ଉପରେ ପାଣି ସିଂଚନ କରି ବର୍ଜ୍ୟ ଗୁଣ୍ଡ ସଫା କରୁଥିବା ଦେଖିବାକୁ ମିଳିଥିଲା। ରାସ୍ତାରେ ପଡ଼ିଥିବା ବର୍ଜ୍ୟ ଗୁଣ୍ଡକୁ ନେଇ ଦୋକାନୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବର୍ଜ୍ୟ ପରିବହନ ସମୟରେ ନିୟମ ପାଳନ କରାଯାଉଛି କି ନାହିଁ, ତାହାର ଯାଂଚ ସହ ରାସ୍ତାରେ ପଡୁଥିବା ବର୍ଜ୍ୟ ଗୁଣ୍ଡ ସଫା କରିବା ଏବଂ ଧୂଳି ପ୍ରଦୂଷଣ ରୋକିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏଥିସହ ବେଆଇନ ବର୍ଜ୍ୟ ପରିବହନ ତୁରନ୍ତ ବନ୍ଦ କରିବାକୁ ମଧ୍ୟ ଦାବି ହୋଇଛି। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନନେଲେ ରାସ୍ତା ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ଅଂଚଳବାସୀ ଚେତାବନୀ ଦେଇଥିବା ଜଣାପଡ଼ିଛି।

## ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଦ୍ୱାରା ଅଧିକାରୀମାନଙ୍କୁ ସାଧୁତାର ଶପଥ ପାଠ

ଝାରସୁଗୁଡ଼ା,୨୮/୧୦(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଜିଲ୍ଲାରେ ଆଜିଠାରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଆଜି ଲଇକେରା ଠାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସମାପ୍ତ ହେବା ପରେ, ସେଠାରେ ଉପସ୍ଥିତ ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଯଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଲାଇକେରା ବିଡ଼ିଓ ଜର୍ଜ ଡୁଙ୍ଗଡୁଙ୍ଗଙ୍କ ସମେତ ସମସ୍ତ ବ୍ଲକ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀମାନଙ୍କୁ ଜିଲ୍ଲାପାଳ ଚହ୍ୱାଣ ସାଧୁତା ଓ ଦୁର୍ନୀତି ନିବାରଣର ଶପଥ ପାଠ କରାଇଥିଲେ। ଦେଶର ବିକାଶ ପାଇଁ ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା, ନିଷ୍ଠା ଓ ଦୁର୍ନୀତିମୁକ୍ତ ସେବା ପ୍ରଦାନ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏହି ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହିକ୍ରମରେ ଝାରସୁଗୁଡା ବ୍ଲକ ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ବ୍ରଜରାଜନଗର ପୌରପାଳିକା, ବେଲପାହାଡ଼ ପୌରପାଳିକା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ସମେତ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ଅଧିକାରୀ ଓ କର୍ମଚାରୀମାନେ ଏକତ୍ରିତ ହୋଇ ସାଧୁତାର ସଂକଳ୍ପ ନେଇଥିଲେ।



## ସରସ୍ୱତୀ ବିହାରରେ 'ଓଁ କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍' ସ୍ମରଣ ଦିବସ ପାଳିତ




ସମ୍ବଲପୁର,୨୮/୧୦ (ନି/ପ୍ର): ସମ୍ବଲପୁରସ୍ଥିତ ସରସ୍ୱତୀ ବିହାରଠାରେ ଆର୍ଯ୍ୟ ସମାଜ ସତସଙ୍ଗ ଆନୁକୂଲ୍ୟରେ 'ଓଁ କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍' ସ୍ମରଣ ଦିବସ ପାଳିତ ହୋଇଯାଇଛି।ଏହି ଅବସରରେ ଯଜ୍ଞ, ସତସଙ୍ଗ ପ୍ରବଚନ, ପୁସ୍ତକ ଉନ୍ମୋଚନ ଓ ବିତରଣ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା। ସମାରୋହରେ ଛତିଶଗଡ଼ର ଶ୍ରୀ ବାସୁଦେବ ବ୍ରତୀ, ବାଲିଆପାଳର ଆଚାର୍ଯ୍ୟ ଶ୍ରୀନିବାସ ପାଠୀ ଶର୍ମା, ରଜୋଡ଼ର ଆଚାର୍ଯ୍ୟ ବେଦ ପ୍ରକାଶ ଏବଂ ସମ୍ପର୍କ ଫାଉଣ୍ଡେସନର ସଭାପତି ଶ୍ରୀ ଅଶୋକ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବେଦର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

## ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ଜିଲ୍ଲା ଟିମର ନାମ ଘୋଷଣା

ସମ୍ବଲପୁର,୨୮/୧୦(ନି/ପ୍ର):ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମ ଚନ୍ଦ୍ର ମେହେର ଙ୍କ ଅନୁମୋଦନ କ୍ରମେ ସମ୍ବଲପୁର ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଗୁରଦୀପ ସିଂ ଆଜି ତାଙ୍କର ଜିଲ୍ଲା ଟିମ ର ସମସ୍ତ ପଦବୀ ର ପଦାଧିକାରୀ ଙ୍କ ନାମ ଘୋଷଣା କରିଛନ୍ତି । ବିଜେପି କ୍ଷେତ୍ରିୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ପ୍ରଦତ ସୂଚନା ମୁତାବକ ମହମ୍ମଦ ଅନସାର କୁରେଶୀ, ଅମୃତ ପାଲ ସିଂହ ବିର୍ଦୀ, ଏମ୍.ଡି. ଇସମାଇଲ ଓ ଏମ୍.ଡି. ଆଲିମ କାମଦାରଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଛି । ସେହିପରି ରାଜନ ସିଂହ ଏବଂ ଶେଖ ବରକତ ଉଲ୍ଲାହଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଥିବା ବେଳେ ରଣଜିତ ସିଂହ, ଶୀତଳ ଜୈନ, ରିଜୱାନ ଉଦ୍ଦିନ ଓ ଡେବିଡ଼ ହଂଶଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି । ଇନ୍ଦ୍ରଜିତ ସିଂହ ସେଣ୍ଡିଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଏହା ସହିତ କବି ଟଣ୍ଡନ, ଇକବାଲ ସିଂହ, ସିରିଅସ କୁଜୁର, ମୋନୁ ଖାନ ଓ ଜନ ଲାକ୍ରାଙ୍କୁ କାର୍ଯ୍ୟକାରୀଣି ସଦସ୍ୟ ଭାବେ ସାମିଲ କରାଯାଇଛି । ନୂତନ କର୍ମକର୍ତ୍ତାମାନେ ଦଳର ସାଂଗଠନିକ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ସହ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ସହ ଯୋଗାଯୋଗ ଓ ଜନସେବା କାର୍ଯ୍ୟକୁ ଆଗକୁ ବଢ଼ାଇବା ସହ ଏହି କମିଟି ଘୋଷଣା ସମ୍ବଲପୁର ଜିଲ୍ଲାରେ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ସାଂଗଠନିକ କାର୍ଯ୍ୟକଳାପକୁ ନୂତନ ଗତି ମିଳିବ ବୋଲି ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି କହିଛନ୍ତି ।

## ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୧୮ତମ ସିଏଟିସି ଉଦ୍‌ଯାପିତ

ଜୟପୁର,୨୮/୧୦(ନି/ପ୍ର): ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ୧୮ତମ କମ୍ବାଇନ୍ଡ ଆନୁଆଲ୍ ଟ୍ରେନିଂ କ୍ୟାମ୍ପ ସିଏଟିସି ଉଦ୍‌ଯାପିତ ହୋଇଯାଇଛି। ୧୫ ଓଡ଼ିଶା ବାଟାଲିୟନ୍ ଏନ୍‌ସିସି, ଜୟପୁର ପକ୍ଷରୁ ଆୟୋଜିତ ଏହି ୧୦ ଦିନିଆ ଶିବିରର ଉଦ୍‌ଯାପନୀ ସମାରୋହରେ କୃତୀ କ୍ୟାଡେଟ୍‌ଙ୍କୁ ପଦକ ପ୍ରଦାନ କରାଯାଇଥିବା ବେଳେ କୋରାପୁଟିଆ ଢେମ୍ସା ନୃତ୍ୟ ସାଂସ୍କୃତିକ ଆକର୍ଷଣ ପାଲଟିଥିଲା। ସମାରୋହରେ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିତଲ, ଆଇନଜୀବୀ ବିଷ୍ଣୁ ପ୍ରସାଦ ପାତ୍ର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ଓ ହାଇକୋର୍ଟର ଆଇନଜୀବୀ ନିଶାନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ କ୍ୟାଡେଟ୍ମାନଙ୍କୁ କେବଳ ସାମରିକ ଶୃଙ୍ଖଳା ନୁହେଁ, ବରଂ ଜୀବନର ବିଭିନ୍ନ ଆହ୍ୱାନର ସାମ୍ନା କରିବା ପାଇଁ ଆବଶ୍ୟକ ଦକ୍ଷତା ଓ ପ୍ରାୟୋଗିକ ଜ୍ଞାନ ପ୍ରଦାନ କରାଯାଇଥିଲା। ରାଇଫଲ୍ ଚାଳନା ଅଭ୍ୟାସ, ଫ୍ଲାଗ୍ ଏରିଆ, ବାଧା ଅତିକ୍ରମଣ ଅଭ୍ୟାସ, ବ୍ୟକ୍ତିତ୍ୱ ବିକାଶ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବିପର୍ଯ୍ୟୟ ପରିଚାଳନା, ଅଗ୍ନିନିର୍ବାପନ, ତମ୍ବୁସ୍ଥାପନ ଏବଂ ବ୍ୟାଙ୍କିଂ ସଚେତନତା ଭଳି ବିଷୟରେ ତାଲିମ ଦିଆଯାଇଥିଲା। ଏହାଦ୍ୱାରା କ୍ୟାଡେଟ୍‌ମାନେ ଆପତାକାଳୀନ ପରିସ୍ଥିତିର ମୁକାବିଲା ସହ ସାମାଜିକ ଦାୟିତ୍ୱ ନିର୍ବାହ ସମ୍ପର୍କରେ ଅନୁଭୂତି ହାସଲ କରିଥିଲେ। କ୍ୟାଡେଟ୍‌ମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଶିବିରରେ ରଚନା ଲିଖନ, ବିତର୍କ, ଚିତ୍ରାଙ୍କନ ଓ ରାଇଫଲ୍ ଚାଳନା ଭଳି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ବିଜୟୀ କ୍ୟାଡେଟ୍ମାନଙ୍କୁ ପଦକ ପ୍ରଦାନ କରିବା ସହ ସେମାନଙ୍କ ଦକ୍ଷତା ଓ ଉତ୍ସାହର ପ୍ରଶଂସା କରିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ, ଏନ୍‌ସିସି ଶିବିର ଯୁବପିଢ଼ିଙ୍କ ମଧ୍ୟରେ ଶୃଙ୍ଖଳା, ସେବା ମନୋଭାବ, ନେତୃତ୍ୱ ଦକ୍ଷତା ଓ ଦେଶପ୍ରେମର ଭାବନାକୁ ଦୃଢ଼ କରିଥାଏ। ଏହି ତାଲିମ ଯୁବକଯୁବତୀଙ୍କୁ ଆତ୍ମବିଶ୍ୱାସୀ ଓ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ିତୋଳିବା ସହ ଭବିଷ୍ୟତର ଆହ୍ୱାନକୁ ସାହସର ସହ ମୁକାବିଲା କରିବାରେ ସହାୟକ ହେବ। ସମାରୋହର ଶେଷ ପର୍ଯ୍ୟାୟରେ କ୍ୟାଡେଟ୍ମାନଙ୍କ ପକ୍ଷରୁ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ ପରିବେଷଣ ଉତ୍ସବକୁ ଆକର୍ଷଣୀୟ କରିଥିଲା। ଭାରତର ବିବିଧତା ମଧ୍ୟରେ ଏକତାର ବାର୍ତ୍ତା ନେଇ ନୃତ୍ୟ ଓ ସଙ୍ଗୀତ ସହ କୋରାପୁଟିଆ ଢେମ୍ସା ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ଆଂଚଳିକ ପରମ୍ପରା ଓ ଭାରତୀୟ ସଂସ୍କୃତିର ବିବିଧତାକୁ ପ୍ରତିଫଳିତ କରିଥିଲା। ୧୫ ଓଡ଼ିଶା ବାଟାଲିୟନ୍ ଏନ୍‌ସିସି ପକ୍ଷରୁ ଆୟୋଜିତ ଏହି ଶିବିର କ୍ୟାଡେଟ୍ମାନଙ୍କ ମଧ୍ୟରେ ଶାରୀରିକ ଦକ୍ଷତା, ମାନସିକ ଦୃଢ଼ତା, ଆତ୍ମନିର୍ଭରଶୀଳତା, ଦଳଗତ ମନୋଭାବ ଓ ଜାତୀୟ ଏକତାକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି।

## କନକଲତା ଦାଶଙ୍କ ବିୟୋଗରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ଶୋକ

ସମ୍ବଲପୁର,୨୮/୧୦(ନି/ପ୍ର): ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ଦାଶଙ୍କ ମାତା କନକଲତା ଦାଶ (୮୨)ଙ୍କ ବିୟୋଗରେ ବିରୋଧୀ ଦଳର ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଶୋକ ପ୍ରକାଶ କରିଛନ୍ତି। କନକଲତାଙ୍କ ଶେଷ ଇଚ୍ଛା ଅନୁଯାୟୀ, ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ପାଇଁ ତାଙ୍କ ମରଶରୀରକୁ ବୁର୍ଲା ମେଡିକାଲକୁ ହସ୍ତାନ୍ତର କରାଯାଇଥିବାରୁ ଶ୍ରୀ ଆଚାର୍ଯ୍ୟ ଏହି ମହତ୍ କାର୍ଯ୍ୟର ପ୍ରଶଂସା କରିଛନ୍ତି। ସେ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। କନକଲତା ଜଣେ ପରୋପକାରୀ, ଧର୍ମପରାୟଣା ଓ ମେଳାପୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ପରିବାର ସହ ସ୍ଥାନୀୟ ଅଚଂଳ ଏବଂ ଗଣମାଧ୍ୟମ ଜଗତରେ ଶୋକର ଛାୟା ଖେଳିଯାଇଛି। ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ହୀରାଲାଲ ବେହେରା ମଧ୍ୟ ଶୋକ ପ୍ରକାଶ କରିଛନ୍ତି।




# ଭୋଟ ବଚାଂଅ-ଦେଶ ବଚାଂଅ :

## କଂଗ୍ରେସ ପକ୍ଷରୁ ରାଜ୍ୟ ଓ ଜିଲ୍ଲାସ୍ତରୀୟ ସାମ୍ବାଦିକ ସମ୍ମିଳନୀ



ରାଉରକେଲା,୨୮/୧୦(ନି/ପ୍ର): ନିର୍ବାଚନରେ ଭୋଟ ଚୋରି ବନ୍ଦ କରିବା, ଦେଶର ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା କରିବା ଏବଂ ଭୋଟର ତାଲିକାରେ ସଂଶୋଧନ ଆଣିବାକୁ ନେଇ କଂଗ୍ରେସ ପକ୍ଷରୁ ଭୋଟ ବଚାଂଅ - ଦେଶ ବଚାଂଅ ଆହ୍ୱାନରେ ଗତକାଲି ଜିଲ୍ଲା କଂଗ୍ରେସ ପକ୍ଷରୁ ସେକ୍ଟର-୨୧ ସ୍ଥିତ କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ପ୍ରଭାରୀ ସଚିନ୍ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଜିଲ୍ଲା କଂଗ୍ରେସ ସଭାପତି ସାବିର ହୁସେନ, ପୂର୍ବତନ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ପାଢ଼ୀ, ପୂର୍ବତନ ଜିଲ୍ଲା ସଭାପତି ରବି ରାୟ, ଇଜାଜ୍ ଅଖତର, ମହିଳା ସଭାନେତ୍ରୀ ରଞ୍ଜିତା ମଲ୍ଲିକ, ପୂର୍ବତନ ମହିଳା ସଭାନେତ୍ରୀ ଝରଣା ତ୍ରିପାଠୀ, ଜିଲ୍ଲା ଉପସଭାପତି ଖାଦେଲ ସେଠୀଙ୍କ ସମେତ ଜିଲ୍ଲା କଂଗ୍ରେସର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।ରାଜ୍ୟ କଂଗ୍ରେସ ପ୍ରଭାରୀ ସଚିନ୍ ଯାଦବ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସମଗ୍ର ଦେଶରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) ପ୍ରକ୍ରିୟା ବାହାନା ସହ ନିର୍ବାଚନ ପ୍ରକ୍ରିୟାକୁ ନେଇ ଭୋଟର ତାଲିକାରେ ଯେପରି ଘାପଲାମୀ ହୋଇଛି, ତା ବିରୋଧରେ କଂଗ୍ରେସ ସାଂସଦ ତଥା ବିରୋଧିଦଳ ନେତା ରାହୁଲ ଗାନ୍ଧୀ ବହୁଦିନ ଧରି ପ୍ରତିବାଦ କରିଆସୁଥିବା ସହିତ ଇଣ୍ଡିଆ ଗଠବନ୍ଧନ ପକ୍ଷରୁ ସମସ୍ତ ବିରୋଧୀ ଦଳର ନେତାମାନେ ଚଳିତ ୨୦୨୬ ଅକ୍ଟୋବର ୨ ତାରିଖରୁ 'ଭୋଟ ବଚାଓ - ଦେଶ ବଚାଓ' ଆନ୍ଦୋଳନ ଜାରି ରହିଛି। ଏହାକୁ ନେଇ ୨୦୨୬ ନଭେମ୍ବର ୧ ତାରିଖ ଦିନ ଦିଲ୍ଲୀର ରାମଲୀଳା ମଇଦାନରେ ଇଣ୍ଡିଆ ଗଠବନ୍ଧନ ପକ୍ଷରୁ ଏକ ମହାରାଲି ଆୟୋଜନ କରାଯାଇଛି। ଏଥିସହିତ ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଜନଜାଗରଣ କରାଯିବା ପାଇଁ ବୈଠକ ଆୟୋଜନ କରାଯିବା ସହ ପ୍ରତ୍ୟେକ ବୁଥରେ ବୁଥ୍ ରକ୍ଷକ (ବୁଥ୍ ଏଜେଂଟ)ଙ୍କ ଦ୍ୱାରା ଭୋଟର ତାଲିକାରେ ଥିବା ଭୁଲକୁ ଉପସ୍ଥାପନ କରାଯିବ। କଂଗ୍ରେସ ପକ୍ଷରୁ ମୁଖ୍ୟ ଦାବି ମଧ୍ୟରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ୍ କୁମାରଙ୍କ ଇସ୍ତଫା, ଭୋଟର ତାଲିକାରେ କଟିଥିବା ୧୩ କୋଟିରୁ ଉର୍ଦ୍ଧ୍ୱ ଭୋଟରଙ୍କ ପୁନଃ ସ୍ଥାପନ ଏବଂ ଏସବୁର ମୁଖ୍ୟ କର୍ଣ୍ଣଧାର ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ମଧ୍ୟ ଦାବି କରାଯାଇଛି ବୋଲି କହିଥିଲେ କଂଗ୍ରେସ ରାଜ୍ୟ ପ୍ରଭାରୀ ସଚିନ୍ ଯାଦବ।

# ବାଲିଶଙ୍କରାରେ ଧୁମଧାମରେ ପାଳିତ ହେଲା କରମା ପୂଜା



ବାଲିଶଙ୍କରା,୨୮/୧୦(ନି/ପ୍ର): ପାରମ୍ପରିକ ରୀତିନୀତି, ପୂଜାର୍ଚ୍ଚନା ଓ ନାଚଗୀତର ଆସର ମଧ୍ୟରେ ବାଲିଶଙ୍କରା ଭାଟିପଡ଼ାର ଉପରପଡ଼ାରେ ଚଳିତ ବର୍ଷର ଶେଷ କରମା ପୂଜା ପାଳିତ ହୋଇଯାଇଛି। ଆଶ୍ୱିନ ପୂର୍ଣ୍ଣିମା ଅବସରରେ ଆୟୋଜିତ ଏହି ପୂଜାରେ ଗ୍ରାମବାସୀଙ୍କ ସମେତ ନୂଆ ଓ ପୁରୁଣା ବନ୍ଧୁବାନ୍ଧବଙ୍କ ସମାଗମ ହୋଇଥିଲା। ଆଦିବାସୀ ସମାଜର ପାରମ୍ପରିକ ପର୍ବ କରମା ପୂଜା ଆଶ୍ୱିନ ମାସ ଆରମ୍ଭରୁ ବିଭିନ୍ନ ଗ୍ରାମ ଓ ପଡ଼ାରେ ପାଳନ କରାଯାଇ ଆଶ୍ୱିନ ପୂର୍ଣ୍ଣିମାରେ ସମାପନ ହୋଇଥାଏ। ଏହି ଅବସରରେ ଭାଟିପଡ଼ା ଉପରପଡ଼ାରେ ମଧ୍ୟ ପାରମ୍ପରିକ ବିଧିବିଧାନ ଅନୁସାରେ ପୂଜା ଆୟୋଜନ କରାଯାଇଥିଲା। ଗ୍ରାମର କୁଆଁରୀ ଝିଅମାନେ ନିର୍ଜଳା ଉପବାସ ରହି ମା' କରମସାନିଙ୍କ ଆରାଧନା କରିଥିଲେ। ସନ୍ଧ୍ୟାରେ କୁଆଁରୀ ଝିଅ ଓ ବିବାହିତା ମହିଳାମାନେ ଏକତ୍ରିତ ହୋଇ ଗୀତ ଗାଇବା ସହ ମାଦଳ ବାଜାର ତାଳେ ତାଳେ ନୃତ୍ୟ କରି କରମା ଗଛ ନିକଟରେ ପହଂଚିଥିଲେ। ସେଠାରେ ପୂଜକ ପାହାନ ସମରା ବାର୍ଲା ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ କରମା ଗଛରେ ସାତଥର ନାଲି ସୂତା ଗୁଡ଼ାଇ ତିନି ଖଣ୍ଡ କରମା ଡାଳ କଟାଯାଇ ଅଖାଡ଼ା ସ୍ଥଳକୁ ଅଣାଯାଇଥିଲା। ଅଖାଡ଼ା ସ୍ଥଳରେ କରମା ଡାଳ ସ୍ଥାପନ କରି ପୁନର୍ବାର ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ରାତିସାରା ପୁରୁଷ ଓ ମହିଳାମାନେ ପାରମ୍ପରିକ ନାଚଗୀତରେ ମସଗୁଲ ରହିଥିଲେ। ପରଦିନ ସକାଳେ ତିନି ଖଣ୍ଡ କରମା ଡାଳକୁ ଧରି ଗ୍ରାମ ପରିକ୍ରମା କରାଯିବା ପରେ ନଦୀରେ ବିସର୍ଜନ କରାଯାଇଥିଲା। ଏହି ପର୍ବରେ ନୂତନ ଓ ପୁରୁଣା ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରିବା ସହ ନୂଆ ପୋଷାକ ଉପହାର ଦେବାର ପରମ୍ପରା ରହିଛି। କରମସାନିଙ୍କ ପୂଜା କରିବା ଦ୍ୱାରା ଗ୍ରାମରେ ଶାନ୍ତି, ମୈତ୍ରୀ ଓ ସମୃଦ୍ଧି ବଜାୟ ରହିବା ସହ ଚାଷ ଜମିରେ ଧାନ ଫସଲକୁ ରୋଗପୋକରୁ ସୁରକ୍ଷା ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି। ଏହି ପୂଜାରେ ପାହାନ ସମରା ବାର୍ଲା ପୂଜାକାର୍ଯ୍ୟ ତୁଲାଇଥିବାବେଳେ ଅମିତ ଏକ୍କା, ସାନି ମିଞ୍ଜ, ଫଗୁ ମିଞ୍ଜ, ମନୋଜ ମିଞ୍ଜ, ସୁମିତ, ରୋହିତ, ପ୍ରଶାନ୍ତ, ବାସ୍ତୁ, ଶଙ୍କର ଓ ଜଗଦୀଶଙ୍କ ସମେତ ପୂଜା କମିଟିର ସଦସ୍ୟମାନେ ଆୟୋଜନରେ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ଏକତା ଦିବସ ପାଳନ ପାଇଁ ଗୁଜରାଟ ଗଲେ ୪୪ ପ୍ରତିନିଧି



ରାଉରକେଲା,୨୮/୧୦(ନି/ପ୍ର): ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା'ରାଷ୍ଟ୍ରୀୟ ଏକତା ଦିବସ' ଅବସରରେ ଗୁଜରାଟର କେଭାଡିଆସ୍ଥିତ ଏକତା ନଗରଠାରେ ଆୟୋଜିତ ହେବାକୁ ଯାଉଥିବା ଜାତୀୟ ସ୍ତରୀୟ ସମାରୋହରେ ଯୋଗଦେବା ପାଇଁ ସୁନ୍ଦରଗଡ଼ ଜିଲ୍ଲାରୁ ୪୪ ଜଣିଆ ଏକ ପ୍ରତିନିଧି ଦଳ ଗୁଜରାଟ ଅଭିମୁଖେ ଯାତ୍ରା କରିଛନ୍ତି। ସ୍ଥାନୀୟ ରାଉରକେଲା ରିଜର୍ଭ ପୋଲିସ୍ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଦୀନାଃ ଦସ୍ତଗୀର ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ପତାକା ଦେଖାଇ ପ୍ରତିନିଧି ଦଳର ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ରାଉରକେଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମାକାନ୍ତ ସାହୁ ଏବଂ ଶ୍ରାବଣୀ ନାୟକ ଉପସ୍ଥିତ ଥିଲେ। ପ୍ରତିନିଧି ଦଳ ଟିଟିଲାଗଡ଼ ରେଳ ଷ୍ଟେସନ ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରୁ ଏକ ସ୍ୱତନ୍ତ୍ର ଟ୍ରେନରେ ଗୁଜରାଟ ଯାତ୍ରା କରି ଅକ୍ଟୋବର ୩୦ ଓ ୩୧ ତାରିଖରେ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରୀୟ ସମାରୋହରେ ଅଂଶଗ୍ରହଣ କରିବେ। ଏହି ୪୪ ଜଣିଆ ପ୍ରତିନିଧି ଦଳ ସହ ନୋଡାଲ ଅଧିକାରୀ ଭାବେ ଜିଲ୍ଲା ନିୟୋଜନ ଅଧିକାରୀ ଶୁଭେନ୍ଦୁ ମିଶ୍ର ମଧ୍ୟ ଯାତ୍ରା କରିଛନ୍ତି।

# ବାପାଙ୍କ ସ୍ମୃତିକୁ ସମର୍ପିତ ରବି ସମର୍ପଣ ସ୍ୱର୍ଗତ ରବି ପୁରୋହିତଙ୍କ ସେବା ଓ ସଂସ୍କାରର ପଥରେ ପୁଅ ଅର୍ପିତ

ବଲାଙ୍ଗୀର,୨୮/୧୦(ନି/ପ୍ର): ବାପା ଆଜି ଆଉ ଏ ଦୁନିଆରେ ନାହାନ୍ତି, ହେଲେ ତାଙ୍କ ସ୍ମୃତି, ସଂସ୍କାର ଓ ମାନବସେବାର ଆଦର୍ଶ ଆଜି ବି ପୁଅର ହୃଦୟରେ ଜୀବନ୍ତ। ବାପାଙ୍କ ସ୍ନେହମୟ ଛାୟା ହରାଇବାର ଦୁଃଖକୁ ହୃଦୟରେ ଚାପି ରଖି, ତାଙ୍କ ଦେଖାଇଥିବା ସେବାର ପଥକୁ ନିଜ ଜୀବନର ଲକ୍ଷ୍ୟ କରିଛନ୍ତି ଅର୍ପିତ କୁମାର ପୁରୋହିତ। ବାପାଙ୍କ ପ୍ରତି ସତ୍ୟ ଶ୍ରଦ୍ଧାଞ୍ଜଳି ଜଣାଇବାର ଏହି ନିଆରା ପ୍ରୟାସ ଆଜି ବଲାଙ୍ଗୀରରେ ଚର୍ଚ୍ଚାର ବିଷୟ ପାଲଟିଛି। ବଲାଙ୍ଗୀର ସହରର ଜଣାଶୁଣା ଆଇନଜୀବୀ ସ୍ୱର୍ଗତ ରବି ପୁରୋହିତ କେବଳ ଜଣେ ଦକ୍ଷ ଆଇନଜୀବୀ ନଥିଲେ, ସେ ଥିଲେ ଅସହାୟ ଓ ନିରାଶ୍ରୟ ଲୋକଙ୍କ ପାଇଁ ଏକ ଭରସାର ନାମ। ବ୍ୟସ୍ତ ଜୀବନ ମଧ୍ୟରୁ ସମୟ ବାହାର କରି ମାନବସେବାକୁ ଜୀବନର ମହତ୍ୱପୂର୍ଣ୍ଣ ଆଦର୍ଶ ଭାବେ ଗ୍ରହଣ କରିଥିଲେ ସେ। 'ମାନବ ସେବା ହିଁ ମାଧବ ସେବା' ନୀତିରେ ବିଶ୍ୱାସ ରଖି ସେ ସବୁବେଳେ ଅସହାୟ ଲୋକଙ୍କ ପାଖରେ ଠିଆ ହେଉଥିଲେ। ତାଙ୍କର ସରଳ ହୃଦୟ, ପରୋପକାରୀ ମନୋଭାବ ଓ ସମସ୍ତଙ୍କ ପ୍ରତି ଆତ୍ମୀୟତା ତାଙ୍କୁ ସବୁ ବର୍ଗର ଲୋକଙ୍କ ନିକଟରେ ପ୍ରିୟ କରିପାରିଥିଲା। ସମୟର ନିଷ୍ଠୁର ନିୟତି ତାଙ୍କୁ ପରିବାରଠାରୁ ଛଡ଼ାଇ ନେଇଥିଲେ ମଧ୍ୟ, ତାଙ୍କ ଦେଇଯାଇଥିବା ମାନବିକତାର ଶିକ୍ଷା ଆଜି ପୁଅ ଅର୍ପିତଙ୍କ ପାଇଁ ପଥପ୍ରଦର୍ଶକ ସାଜିଛି। ବାପାଙ୍କ ନାମ ଓ ସ୍ମୃତିକୁ ଅମର କରି ରଖିବା ଉଦ୍ଦେଶ୍ୟରେ ଅର୍ପିତ ଆରମ୍ଭ କରିଛନ୍ତି 'ରବି ସମର୍ପଣ' ନାମକ ଏକ ସେବାମୂଳକ ପ୍ରୟାସ। ଏହା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ବାପାଙ୍କ ଅଧୁରା ସ୍ୱପ୍ନ, ସଂସ୍କାର ଓ ସେବାର ଆଦର୍ଶକୁ ଆଗକୁ ବଢ଼ାଇବାର ଏକ ଭାବପୂର୍ଣ୍ଣ ସଂକଳ୍ପ। ଯେ ଏସ୍.ଏମ୍. କଲେଜ, ବଲାଙ୍ଗୀରରେ ଯୁକ୍ତ ତିନି ଶ୍ରେଣୀରେ ଅଧ୍ୟୟନରତ ଅର୍ପିତ ନିଜ ମାଆ ବିଜୟଲକ୍ଷ୍ମୀ ବାବୁଙ୍କ ଆଶୀର୍ବାଦ ଓ ପ୍ରେରଣାରେ ବାପାଙ୍କ ସ୍ମୃତିକୁ ଜୀବନ୍ତ ରଖିବାକୁ ଉଦ୍ୟମ କରିଛନ୍ତି। ନିଜ ଜନ୍ମଦିନକୁ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ ନକରି, ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇବାରେ ସେ ଖୋଜିଛନ୍ତି ଜୀବନର ପ୍ରକୃତ ଆନନ୍ଦ। ନିଜ ଜନ୍ମଦିନ ଅବସରରେ ଅର୍ପିତ ପ୍ରଥମଥର ପାଇଁ ଅଦ୍ଭୁତ୍ ଆଶ୍ରମର କୁନି କୁନି ପୁଅଝିଅଙ୍କ ସହ ସେଠାକାର ଅଭିଭାବକମାନଙ୍କ ଗହଣରେ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ମଧ୍ୟ ଦେଇଥିଲେ। ଆଶ୍ରମର ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ସୁସ୍ୱାଦୁ ଭୋଜନର ବ୍ୟବସ୍ଥା କରିବା ସହ ସେମାନଙ୍କ ସହ ହସଖୁସିରେ କିଛି ସମୟ ବିତାଇଥିଲେ। ହେଲେ ଏହି ହସଖୁସିର ମୁହୂର୍ତ୍ତ ମଧ୍ୟରେ ଲୁଚି ରହିଥିଲା ଜଣେ ପୁଅର ମନ ଭିତରେ ଜମାଟ ବାନ୍ଧିଥିବା ବାପାଙ୍କ ଅଭାବବୋଧ। କୁନି କୁନି ପିଲାଙ୍କ ସହ ଜନ୍ମଦିନ ପାଳନ କରୁଥିବା ସମୟରେ ଅର୍ପିତଙ୍କ ମନରେ ବାରମ୍ବାର ଭାସି ଉଠୁଥିଲା ସ୍ୱର୍ଗତ ବାପା ରବି ପୁରୋହିତଙ୍କ ସ୍ମୃତି। ଯେଉଁ ବାପାଙ୍କ ସ୍ନେହ ଓ ଆଶୀର୍ବାଦରେ ଜୀବନର ପଥ ଆଗକୁ ବଢ଼ିବା କଥା, ସେହି ବାପାଙ୍କ ଅନୁପସ୍ଥିତି ତାଙ୍କ ମନକୁ ଭାବବିହ୍ୱଳ କରିଦେଇଥିଲା। ବାପାଙ୍କୁ ମନେପକାଇ ଅର୍ପିତ ଭାବପ୍ରବଣ ହୋଇପଡ଼ିଥିଲେ। ତଥାପି ଦୁଃଖ ଭିତରେ ସେ ଖୋଜିଥିଲେ ଏକ ନୂଆ ସଂକଳ୍ପ-ବାପାଙ୍କ ଭଳି ମଣିଷଙ୍କ ସେବା କରିବା, ଅସହାୟଙ୍କ ମୁହଁରେ ହସ ଫୁଟାଇବା ଏବଂ ନିଜ ପାଠପଢ଼ା ସହ ସମାଜସେବାକୁ ଜୀବନର ଅଭିନ୍ନ ଅଂଶ କରିବା।

# ଲକ୍ଷ୍ମୀ ମନ୍ଦିର କମିଟି ପକ୍ଷରୁ ପ୍ରସାଦ ସେବନ ଆୟୋଜନ



ରାଉରକେଲା,୨୮/୧୦(ନି/ପ୍ର): ଉଦିତନଗର ଓରାମପଡ଼ାସ୍ଥିତ ଲକ୍ଷ୍ମୀ ମନ୍ଦିର କମିଟି ପକ୍ଷରୁ ବୁଧବାର ଦିନ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ସକାଳେ ପୂଜକ ସୁରେଶ ମିଶ୍ରଙ୍କ ଦ୍ୱାରା ବିଧି ବିଧାନ ସହ ପୂଜାର୍ଚ୍ଚନା କରାଯାଇଥିଲା, ଯେଉଁଥିରେ କର୍ତ୍ତା ଭାବେ ଦେବବ୍ରତ ଦାସ ସାମିଲ ହୋଇଥିଲେ। ଏହାକୁ ନେଇ ମନ୍ଦିର କମିଟି ପକ୍ଷରୁ ମନ୍ଦିରକୁ ଫୁଲରେ ସଜାଯାଇଥିଲା ଏବଂ ମା' ଲକ୍ଷ୍ମୀଙ୍କ ଶୃଙ୍ଗାର ଫୁଲରେ କରାଯାଇଥିଲା। ସମ୍ପୂର୍ଣ୍ଣ ମନ୍ଦିର ପ୍ରାଙ୍ଗଣକୁ ରଙ୍ଗବେରଙ୍ଗର ଲାଇଟ୍‌ରେ ସଜାଯାଇଥିଲା। ମଧ୍ୟାହ୍ନ ୧ଟାରୁ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଯେଉଁଥିରେ ହଜାର ହଜାର ଭକ୍ତ ପ୍ରସାଦ ଗ୍ରହଣ କରିଥିଲେ। ଏହି ଅବସରରେ ଉଦିତନଗର, ଓରାମପଡ଼ା, କୁମ୍ଭାରପଡ଼ା, ପାୱାର ହାଉସ୍ ରୋଡ୍, ବିଶ୍ରା ଡହର ରୋଡ୍, ଶୀତଲପଡ଼ା, ଟିଣ କଲୋନୀ ସମେତ ଆଖପାଖ ଅଚଂଳରୁ ଭକ୍ତମାନେ ଆସି ମା' ଲକ୍ଷ୍ମୀଙ୍କ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ଲକ୍ଷ୍ମୀ ମନ୍ଦିର କମିଟିର ସଭାପତି ଅଶ୍ୱିନୀ ବିଶ୍ୱାଳ, ଉପସଭାପତି ଅଗସ୍ତୀ ସାହୁ, ସମ୍ପାଦକ ମଲକିତ୍ ସିଂହ, ସହ-ସମ୍ପାଦକ ଶମ୍ଭୁ ସାହୁ, କୋଷାଧ୍ୟକ୍ଷ ପବିତ୍ର ସାହୁ, ପ୍ରମୋଦ ଶର୍ମା, ନୀଲୁ ବିଶ୍ୱାଳ, ରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କର ସକ୍ରିୟ ଯୋଗଦାନ ରହିଥିଲା। ଆଜି ପ୍ରସାଦ ସେବନ କାର୍ଯ୍ୟକ୍ରମକୁ ନେଇ ମନ୍ଦିର ପ୍ରାଙ୍ଗଣରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଯେ, ଏହା ରାଉରକେଲାର ସବୁଠାରୁ ପୁରୁଣା ଲକ୍ଷ୍ମୀ ମନ୍ଦିର ଅଟେ।

# ଜିଲ୍ଲା ଦଳିତ ସମାଜ ନୂଆଁଖାଇ ଜୁହାର ଭେଟ ଏକତା ହିଁ ବଳ : କଳିକେଶ

ବଲାଙ୍ଗୀର,୨୮/୧୦(ନି/ପ୍ର): ଜିଲ୍ଲା ଦଳିତ ସମାଜ ସଂଗଠିତ ଓ ଏକତ୍ରିତ ରହିଛି। ଆଜିର ନୂଆଁଖାଇ ଭେଟଘାଟରେ ତାହା ପ୍ରତିଫଳିତ ହୋଇଛି। ଆମେ ସବୁ ସମୟରେ ଜିଲ୍ଲା ଦଳିତ ସମାଜ ସହିତ ରହିଥିଲି, ରହିଛୁଁ ଏବଂ ରହିବୁ ବୋଲି ବଲାଙ୍ଗୀର ବିଧାୟକ କଳିକେଶ ସିଂଦେଓ ଜିଲ୍ଲା ଦଳିତ ସମାଜ ଦ୍ୱାରା ଆୟୋଜିତ ହୋଇଥିବା ନୂଆଁଖାଇ ଜୁହାର ଭେଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଆୟୋଜକ କମିଟିର ସଭାପତି ମଂଟୁ ବିଭାର ତଥା ସଂଯୋଜକ ଶମ୍ଭୁ ନାଗ ପରିଚାଳନାରେ ଅନୁଷ୍ଠିତ ହୋଇଥିବା ସଭାରେ ଅନ୍ୟତମ ଅତିଥି ଭାବେ ବିରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ଅନୁଷ୍ଠାନର ଉପସଭାପତି ରୂପାଲି ମହାନନ୍ଦ, ସିଟ୍‌ସର ରତିନ୍ଦ୍ର ରାଏ, ବାଲ୍ମିକୀ ସମାଜର ଅକ୍ଷୟ ବନଛୋର, ଜେଡ୍‌ଡିବିଏମ୍‌ର ଅଧ୍ୟକ୍ଷ ନଟରାଜ ନାଗ, ଜିଲ୍ଲା ଦଳିତ ଶିକ୍ଷକ ସଂଘର ସଭାପତି କୃଷ୍ଣଚନ୍ଦ୍ର ବାଗ ମଂଚାସିନ ଥିଲେ। କାର୍ଯ୍ୟକ୍ରମକୁ ଧନ୍ୟବାଦ ଦେଇଥିଲେ କିଶୋର କୁମ୍ଭାର। କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ କୋଷାଧ୍ୟକ୍ଷ ସୁରେଶ ହରିପାଲ(ଛୋଟୁ), ବିଜୟ ଚନ୍ଦ୍ର ବାରିକ, ବାସୁଦେବ ମୁଗ୍ରୀ, ଗୌରୀଶଙ୍କର ଛତର, ପବିତ୍ର ନାଗ, ରବି ସୁନା, ଟିକୁରାଜ ନନ୍ଦ, ସୂର୍ଯ୍ୟମଣି ସୁନା, ସୁଶିଲ ହରିପାଲ, ସାଗର କୁମ୍ଭାର, ନବୀନ ନାଗ, ଶମ୍ଭୁପଦ ହରିପାଲ, ନବିନ ତାଣ୍ଡି, ବିଘ୍ନ ନାଏକ, ଗିଂଟୁ ଠାକୁର, ହେମସାଗର ମହାନନ୍ଦ, ଦଶରଥ ନନ୍ଦ ପ୍ରମୁଖ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କୁନା ବାଗ ଓ ନେପାଳ ଚନ୍ଦ୍ର ବାଗ। ଶେଷରେ ଧନ୍ୟବାଦ ଦେଇଥିଲେ କିଶୋର କୁମ୍ଭାର।

# ଗ୍ରାମାଂଚଳରେ ଜନକଲ୍ୟାଣକାରୀ ଯୋଜନାର ସମୀକ୍ଷା

## ନଡିଆ ଚାଷ ଉପରେ ଜିଲାପାଳଙ୍କ ଗୁରୁତ୍ୱ

ଭଦ୍ରକ,୨୮/୧୦(ନି/ପ୍ର): ଗ୍ରାମାଂଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜଣକଲ୍ୟାଣକାରୀ ଯୋଜନା ଗୁଡିକୁ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ସମୀକ୍ଷା କରିଛନ୍ତି। ଜିଲ୍ଲା ପରିଷଦ ସମ୍ମିଳନୀକକ୍ଷରେ ଆଜି ଅନୁଷ୍ଠିତ ଏହି ବୈଠକରେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ କହିଲେଯେ ଫାଇଲ ଚାଷ କୁ ଅଧିକ ଗୁରୁତ୍ୱ ନଦେଇ ପଂଚାୟତ ର ସମ୍ପତି କିଭଳି ବୃଦ୍ଧି ପାଇବ ଓ ଗ୍ରାମାଂଚଳ ଲୋକଙ୍କ ଆର୍ଥିକ ଉନ୍ନତି ଘଟିବ ସେ ଦିଗରେ ସ୍ବତନ୍ତ୍ର ଦୃଷ୍ଟି ଦେବାକୁ ବ୍ଲକ କର୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ବିଶେଷକରି ବ୍ଲକ୍ କିମ୍ବା ପଂଚାୟତ ପରିସରରେ,ଗ୍ରାମାଂଚଳ ରେ ଥିବା ଶୂନ୍ୟ ପଡ଼ିଥିବା ସ୍ଥାନ ମାନଙ୍କରେ ନଡ଼ିଆଗଛ ଲଗାଇବାକୁ ସେ ଗୁରୁତ୍ୱ ଆରୋପ କରିଥିଲେ।ଏଥିପାଇଁ ସ୍ବତନ୍ତ୍ର ପ୍ଲାନ ପ୍ରସ୍ତୁତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।ସେହିପରି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକ ର ତୁରନ୍ତ ମତାମତି କିମ୍ବା ନୂଆ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ।ଦୀର୍ଘବର୍ଷ ଧରି କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ ବହୁ ଅଙ୍ଗନବାଡି କେନ୍ଦ୍ର ଗୁଡିକର ନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ।ଏହି ସବୁ କେନ୍ଦ୍ର ଗୁଡିକର ଏକ ତାଲିକା ପ୍ରସ୍ତୁତ କରି ୧୫ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।ଏହା ବ୍ୟତୀତ ଗ୍ରାମାଂଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଗୁଡିକର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ।ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲଙ୍କ ସହ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ସମସ୍ତ ବ୍ଲକର ବିଡିଓ ସହକାରୀ ଯନ୍ତ୍ରୀମାନେ ଯୋଗଦେଇଥିଲେ।

# ଉନ୍ନତ ୱାଗନ୍ ଅନ୍‌ଲୋଡିଂ ବ୍ୟବସ୍ଥା ମାଧ୍ୟମରେ ଆର.ଏମ.ଏଚ.ପି ର କ୍ୟୁସି ଅନନ୍ୟାର ମହତ୍ୱପୂର୍ଣ୍ଣ ସଂଚୟ ହାସଲ



ରାଉରକେଲା,୨୮/୧୦(ନି/ପ୍ର): ସେଲ୍‌ର ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି)ର ମ୍ୟାଟେରିଆଲ୍ ହ୍ୟାଣ୍ଡଲିଂ ପ୍ଲାଂଟ (ଆର.ଏମ.ଏଚ.ପି)ରେ କାର୍ଯ୍ୟରତ ଗୁଣବତାଚକ୍ର ଅନନ୍ୟା ଦ୍ୱାରା ନିଆଯାଇଥିବା ଏକ ଗୁଣବତା ସୁଧାର ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ମାଧ୍ୟମରେ କାର୍ଯ୍ୟ ଏବଂ ଆର୍ଥିକ କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ସଂଚୟ ହାସଲ କରାଯାଇଛି। ୱାଗନ୍‌ଟିପ୍ଲରଠାରେ ୱାଗନ୍‌ଅନ୍‌ଲୋଡିଂର ସମୃଦ୍ଧିକରଣ ଶୀର୍ଷକ ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ଥିଲା ୱାଗନ୍ ଅଟକ ସମୟକୁ ସମାପ୍ତ କରିବା, କାର୍ଯ୍ୟକ୍ଷେତ୍ରର ସୁରକ୍ଷା ସୁଧାରିବା ଏବଂ କଚାଂମାଲ ଅନ୍‌ଲୋଡିଂର ଦକ୍ଷତା ବୃଦ୍ଧି କରିବା। ୱାଗନ୍ ଦୋହଲିବା ଏବଂ ସଠିକ୍ ସ୍ଥାନରେ ନ ରହିବା ଗୁଡ଼ିକୁ ୱାଗନ୍ ଅନ୍‌ଲୋଡିଂରେ ବିଳମ୍ବର ମୁଖ୍ୟ କାରଣ ଭାବରେ ଗୁଣବନ୍ତା ଚକ୍ର ଚିହ୍ନଟ କରିଥିଲା। ଏହି ସମସ୍ୟାଗୁଡ଼ିକ ଯୋଗୁଁ ଉତ୍ପାଦନରେ ବ୍ୟାଘାତ, ଉପକରଣ କ୍ଷତିଗ୍ରସ୍ତ, ରକ୍ଷଣାବେକ୍ଷଣ ଆବଶ୍ୟକତା ବୃଦ୍ଧି ଏବଂ ରେଳବାଇ ବିଳମ୍ବ ଶୁଳ୍କ ଭରିବାକୁ ପଡୁଥିଲା। କ୍ରମାଗତ ବିଶ୍ଳେଷଣ ଏବଂ ବିଚାରବିମର୍ଶ ମାଧ୍ୟମରେ, ଦଳ ୱାଗନ୍‌ର ସଠିକ୍ ସ୍ଥିତି ନିଶ୍ଚିତ କରିବା ପାଇଁ ଏକ ରେଲ୍ କାର୍ ରିଟାର୍ଡ ବ୍ୟବସ୍ଥା ବିକଶିତ ଓ କାର୍ଯ୍ୟକାରୀ କରିଥିଲେ, ଏହା ସହିତ କଣ୍ଟ୍ରୋଲ୍ ରୁମ୍ ସହିତ ଉନ୍ନତ ସମନ୍ୱୟ ରକ୍ଷା ପାଇଁ ଏକ ସୂଚନା ଦେବା ବ୍ୟବସ୍ଥା ମଧ୍ୟ ଯୋଡ଼ାଯାଇଥିଲା। ସଫଳ କାର୍ଯ୍ୟାନ୍ୱୟନ ପରେ, ଫେଜ୍-୧ ରେ ହାରାହାରି ୱାଗନ୍‌ଅନ୍ ?ଲୋଡିଂ ବିଳମ୍ବ ମାସକୁ ୩୨ ଘଣ୍ଟାରୁ ଯଥେଷ୍ଟ ହ୍ରାସ ପାଇ ମାସକୁ ୬ ଘଣ୍ଟା ହୋଇଯାଇଛି, ଯାହା ପ୍ରାୟ ୮୧ ପ୍ରତିଶତର ସୁଧାର ଅଟେ। ଏହି ପରିବର୍ତ୍ତନ ହାଇଡ୍ରୋଲିକ୍ ଉପକରଣଗୁଡ଼ିକର କ୍ଷତି ହ୍ରାସ କରିବାରେ, ଯନ୍ତ୍ରପାତିର ନିର୍ଭରଯୋଗ୍ୟତା ବୃଦ୍ଧି କରିବାରେ ଏବଂ ରକ୍ଷଣାବେକ୍ଷଣ ଓ ସଫେଇ କାର୍ଯ୍ୟ ପାଇଁ ଅତିରିକ୍ତ ସମୟ ପ୍ରଦାନ କରିବାରେ ମଧ୍ୟ ସାହାଯ୍ୟ କରିଛି। ପ୍ରତ୍ୟକ୍ଷ ଆର୍ଥିକ ଲାଭ ବ୍ୟତୀତ, ଏହି ପଦକ୍ଷେପ କାର୍ଯ୍ୟକ୍ଷେତ୍ରର ସୁରକ୍ଷା, କାର୍ଯ୍ୟଗତ ସୁବିଧା, ଦଳଗତ କାର୍ଯ୍ୟ ଏବଂ କର୍ମଚାରୀଙ୍କ ଆତ୍ମବିଶ୍ୱାସକୁ ବୃଦ୍ଧି କରିଛି। ଅନନ୍ୟା ଗୁଣବତା ଚକ୍ରରେ ଶ୍ରୀ ଏ. କେ. ଜେନା, ଏସ. କେ. ସାମଲ, ବି. ବି. ସେଠୀ ଏବଂ ଏ. କେ. ନାୟକ ସମସ୍ତେ ଜୁନିୟର ଇଞ୍ଜିନିୟରିଂ ଏସୋସିଏଟ୍ ସାମିଲ ଥିବା ବେଳେ ଉପପ୍ରବନ୍ଧକ ଶ୍ରୀ ଏ. କେ. ଧଳ ଉକ୍ତ ଦଳର ଫେସିଲିଟେଟର ଥିଲେ।

# ପଶ୍ଚିମାଂଚଳ ରେଞ୍ଜ ଡିଆଇଜି କାର୍ଯ୍ୟାଳୟରେ ସଚ୍ଚୋଟତାକୁ ପ୍ରୋତ୍ସାହିତ କରିବା ପାଇଁ ଶପଥ ଗ୍ରହଣ ସମାରୋହ



ରାଉରକେଲା,୨୮/୧୦(ନି/ପ୍ର): ସାଧାରଣ ସେବାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ସହ ସଚ୍ଚୋଟତାକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ନୀତି ବିରୋଧରେ ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ପଶ୍ଚିମାଂଚଳ ଆରକ୍ଷୀ ଉପ-ମହାନିରୀକ୍ଷକ (ଡିଆଇଜି)ଙ୍କ କାର୍ଯ୍ୟାଳୟରେ ଏକ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଂଚଳ ରେଞ୍ଜ ଡିଆଇଜି ବ୍ରିଜେଶ କୁମାର ରାୟ ଏହି ଉତ୍ସବରେ ନିଜ ବକ୍ତବ୍ୟରେ ସାଧାରଣ ସେବାରେ ସଚ୍ଚୋଟତା, ନୈତିକ ଆଚରଣ ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଶପଥପାଠର ଉଦ୍ଦେଶ୍ୟ ଦୁର୍ନୀତିର ପ୍ରତିକୂଳ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ସରକାରୀ କର୍ମଚାରୀମାନଙ୍କୁ ଆନ୍ତରିକତା, ନିରପେକ୍ଷତା ଏବଂ ଦୃଢ଼ ଦାୟିତ୍ୱବୋଧ ସହ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାକୁ ଉତ୍ସାହିତ କରିବା।